## ଗୋ ଚାଲାଣ: ୫ ଗୋରୁ ଉଦ୍ଧାର, ଜଣେ ଗିରଫ

ବାଲିଅନ୍ତା,(ଡି.ଏନ୍.ଏ.): ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ନୂଆ ସାହି କେନାଲ ଗାଁ ନିକଟରେ କଟକକୁ ଗୋ ଚାଲାଣ ହେଉଥିବା ଏକ ପିକ୍‌ଅପ ଭ୍ୟାନକୁ ଶନିବାର ଭୋର ୪ଟାରେ ସ୍ଥାନୀୟ ବଜରଙ୍ଗୀ ଦଳ ଓ ଦେବ ସେନା ଦଳ ଅଟକାଇ ଥିଲେ। ସେମାନେ ଗାଡ଼ିରୁ ୫ଟି ଗାଈକୁ ଉଦ୍ଧାର କରିଥିଲେ। ଖବରପାଇ ବାଲିଅନ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଉଦ୍ଧାର ଗୋରୁଗୁଡ଼ିକୁ ସ୍ଥାନୀୟ ଗ୍ରାମର ମାଲିକଙ୍କୁ ଜିମା ଦେଇଥିଲେ। ଏଥିସହ ଗାଡ଼ି ଡ୍ରାଇଭର କଟକର ଶେଖ ଅବଦୁଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ବାଲିଅନ୍ତା ଥାନାରେ ନଂ.୧୩୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



**ସଂକ୍ଷେପରେ**

## ଆଜି ୨ ଜିଲାରେ ଟିକାକରଣ ବନ୍ଦ

### ସରିଲାଣି ୬୧,୪୮,୫୩୨ ଡୋଜ୍ ଟିକାକରଣ

ଭୁବନେଶ୍ୱର, ୮।୫(ବ୍ୟୁରୋ): ରାଜ୍ୟରେ ଏବେ ଟିକାକରଣ ଜାରି ରହିଛି। ଶନିବାର ୩୫୨ଟି ସେସନରେ ୬୭,୦୭୮ ଡୋଜ୍ ଟିକାକରଣ ହୋଇଛି। ଏଥିରେ ପ୍ରଥମ ଡୋଜ୍ ୧୪୪ଜଣ ସ୍ୱାସ୍ଥ୍ୟକର୍ମୀ ନେଇଥିବାବେଳେ ୨୫୬ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ସେହିପରି ସମ୍ମୁଖ ଯୋଦ୍ଧା ୧,୫୫୦ ଜଣ ପ୍ରଥମ ଡୋଜ୍ ଏବଂ ୪୧୨ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ୬,୭୧୭ଜଣ ୧୮ରୁ ୪୪ବର୍ଷ ବୟସ୍କ ଟିକା ନେଇଛନ୍ତି। ୪୫ ଓ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି ୫,୮୫୭ଜଣ ପ୍ରଥମ ଡୋଜ୍ ଓ ୫୨,୧୪୨ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଟିକାକରଣ ୬୧,୪୮,୫୩୨ ଡୋଜ୍ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ରବିବାର ୬୬୯ଟି ସେସନରେ ଟିକାକରଣ ହେବ। ଭୁବନେଶ୍ୱରରେ ୧୯ଟି ସେସନରେ ଟିକାକରଣ ହେବ। ତେବେ ବାଲେଶ୍ୱର ଓ ଦେବଗଡ଼ରେ ଟିକାକରଣ ବନ୍ଦ ରହିବ। ରାଜ୍ୟରେ ଏବେ ୧,୬୯,୬୩୦ ଡୋଜ୍ କୋଭିଶିଲ୍ଡ ଓ ୩,୪୯,୯୮୦ ଡୋଜ୍ କୋଭାକ୍ସିନ ଟିକା ମହଜୁଦ ରହିଛି। ରାଜ୍ୟ ସରକାର ନିଜେ କିଣିଥିବା ୧,୦୭,୩୫୦ ଡୋଜ୍ କୋଭାକ୍ସିନ ଓ ଏକଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ରହିଛି।

## 'ମନୋଜ ଦାସ ଥିଲେ ଅମୃତର ସନ୍ଧାନୀ'

ଭୁବନେଶ୍ୱର, ୮।୫ (ବ୍ୟୁରୋ): ସାରସ୍ୱତ ସାଧକ ମନୋଜ ଦାସଙ୍କ ମହାପ୍ରୟାଣର ଦ୍ୱାଦଶାହ ଦିବସ ଉପଲକ୍ଷେ 'ସାହିତ୍ୟ ଚର୍ଚ୍ଚା' ଏବଂ 'ଆମେ ଓଡ଼ିଆ-ଆମ ଓଡ଼ିଶା' ପକ୍ଷରୁ ଶନିବାର ଅନଲାଇନରେ ଏକ ସ୍ମୃତି ସଭା ଆୟୋଜିତ ହୋଇଯାଇଛି। ଏଥିରେ ଭାଷା, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ମନୋଜଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମନୋଜ ଥିଲେ ଅମୃତର ସନ୍ଧାନୀ। ତାଙ୍କ ସାହିତ୍ୟ ସାଧନା କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ବରଦାନ। ତେଣୁ ମନୋଜଙ୍କୁ ନୋବେଲ ପୁରସ୍କାର ପ୍ରଦାନ ସପକ୍ଷରେ ମନ୍ତ୍ରୀ ମତ ପ୍ରକାଶ କରିଥିଲେ। ଭାଷା ଗବେଷକ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ସାହିତ୍ୟିକ ଦାଶ ବେନହୁର, ସମୀର ରଞ୍ଜନ ଦାସ, ସରୋଜ ବଳ, କନକ ହୋତା ଏବଂ ସୁକାନ୍ତି ମହାପାତ୍ର ପ୍ରମୁଖ ମନୋଜଙ୍କ ସ୍ମୃତିଚାରଣ କରିଥିଲେ। ମନୋଜ ଦାସଙ୍କ 'ଲକ୍ଷ୍ମୀର ଅଭିସାର' ଗଳ୍ପକୁ କବି ଅନୁସୟା ପାଠ କରିଥିଲେ। ସ୍ୱପ୍ନଲତା ମିଶ୍ର ରଥ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ସରୋଜ ବଳଙ୍କ ଦ୍ୱାରା ପ୍ରଯୋଜିତ ମନୋଜ ଦାସଙ୍କ ବ୍ୟକ୍ତିତ୍ୱ ଆଧାରିତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମଟି କାନାଡ଼ାର ଟରୋଣ୍ଟୋରୁ ସାହିତ୍ୟିକ ପ୍ରଶାନ୍ତ ଭୂୟାଁଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଶେଷରେ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ସମ୍ପାଦକ ନିହାର ଶତପଥୀ ଧନ୍ୟବାଦ ଦେଇଥିଲେ।

# ଏସ୍‌ସିବି ମେଡିକାଲରେ ବଢ଼ିବ ୧୦୦ ବେଡ୍

କଟକ ଅଫିସ,୮।୫



ସିଏମ୍‌ସି କମିଶନର ଅନନ୍ୟା ଦାସ

**କୋଭିଡ୍ ସ୍ଥିତି ସମୀକ୍ଷା କଲେ ସିଏମ୍‌ସି କମିଶନର**
- ନିୟମ ପାଳିଲେ ହ୍ରାସ ପାଇବ ସଂକ୍ରମଣ
- ଲକ୍ଷଣ ଥାଇ ଆଣ୍ଟିଜେନ୍ ନେଗେଟିଭ୍ ଆସିଲେ ଜଣାନ୍ତୁ
- ଯଥେଷ୍ଟ ପରିମାଣର ଅକ୍ସିଜେନ ମହଜୁଦ ରହିଛି
- ଜରୁରିକାଳୀନ ପରିସ୍ଥିତିରେ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରନ୍ତୁ

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କଟକରେ ମଧ୍ୟ କ୍ରମାଗତ ଭାବେ ଏହି ସଂଖ୍ୟା ବଢ଼ିଚାଲିଛି। ତେବେ ଏହାକୁ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ ଶନିବାର ଭୁବନେଶ୍ୱରସ୍ଥିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, କଟକ ସହରରେ ୩୬୮୫ ଆକ୍ଟିଭ୍ କେସ୍ ରହିଛି। ସେଥିମଧ୍ୟରୁ ୮୮% ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ଅଛନ୍ତି। କୋଭିଡ୍ କେୟାର୍ ସେଣ୍ଟରରେ ୪୦ରୁ ୫୦% ସିଟ୍ ପୂରଣ ହୋଇଛି । ସେଥିମଧ୍ୟରୁ ୧୦% କରୋନା ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପଡୁଛି।

ଏସ୍‌ସିବି ମେଡିକାଲକୁ ମିଶାଇ କଟକରେ ଏବେ ୧୨୦୦ ବେଡ୍ ଓ ୩୦୦ ଆଇସିୟୁ ଉପଲବ୍ଧ ଅଛି। ଏସ୍‌ସିବି ମେଡିକାଲରେ ଆଗାମୀ ଦିନରେ ଆଉ ୧୦୦ ବେଡ୍ ବୃଦ୍ଧି କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ସେଥିରେ ୪୧ ଆଇସିୟୁ ବେଡ୍ ଓ ୪୦ଟି ଏଚଡିୟୁ ରହିବ। ଏହାଦ୍ୱାରା କଟକ ସହ ଆଖପାଖ ଜିଲାର ରୋଗୀଙ୍କୁ ସାହାଯ୍ୟ କରାଯାଇପାରିବ। ସେହିପରି କମିଶନର ଦାସ କହିଛନ୍ତି, କୋଭିଡ୍ ଆକ୍ରାନ୍ତମାନେ ଘରେ ରହି ଚିକିତ୍ସିତ ହୁଅନ୍ତୁ। ଜରୁରିକାଳୀନ ପରିସ୍ଥିତିରେ ସିଏମ୍‌ସି ପକ୍ଷରୁ ଜାରି କରାଯାଇଥିବା ଟୋଲ୍ ଫ୍ରି ନମ୍ବର (୧୮୦୦ ୩୪୫ ୮୨୮୯)ରେ ଫୋନ୍ କରନ୍ତୁ । ଏଥିସହ କୋଭିଡ୍ ସମ୍ପର୍କିତ ବିଶେଷ ସୂଚନା ପାଇଁ କୋଭିଡ୍ କଣ୍ଟ୍ରୋଲ୍ ରୁମ୍ ନମ୍ବର ୭୦୭୭୭୭୫୫୫୫ରେ ଯୋଗାଯୋଗ କରନ୍ତୁ। ଲକ୍ଷଣ ଥାଇ ଆଣ୍ଟିଜେନ୍ ନେଗେଟିଭ୍ ଆସିଲେ ବି ଆମକୁ ଜଣାନ୍ତୁ। କୋଭିଡ୍ ହସ୍ପିଟାଲରେ ସନ୍ଦିଗ୍ଧ ରୋଗୀ ଭାବେ ଆଡମିଶନ୍ କରାଯାଇପାରିବ। ହୋମ୍ ଆଇସୋଲେଶନରେ ରହୁଥିବା ଆକ୍ରାନ୍ତଙ୍କ ଉପରେ ସ୍ପେଶାଲ୍ ରାପିଡ୍ ରେସପନ୍ସ ଟିମ୍ ନଜର ରଖିଛି। ହୋମ୍ ଆଇସୋଲେସନର ସୁବିଧା ନ ଥିଲେ ଆକ୍ରାନ୍ତମାନଙ୍କୁ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଉଛି।

ସହରବାସୀ ଛତ୍ରବଜାରକୁ ନ ଯାଇ ଘର ପାଖରେ ଥିବା ଦୋକାନରୁ ପରିବା କିଣନ୍ତୁ। ସେହିପରି ଅନ୍ୟ ଜରୁରୀ ଜିନିଷ ମଧ୍ୟ ଘରପାଖ ଦୋକାନରୁ କିଣନ୍ତୁ। ସମସ୍ତେ ଲକ୍‌ଡାଉନ୍ ଓ କୋଭିଡ୍ ନିୟମ ପାଳନ କରନ୍ତୁ। ଏପରି କଲେ ସହରରେ ବୃଦ୍ଧି ପାଉଥିବା ସଂକ୍ରମଣ ହ୍ରାସ ପାଇପାରିବ ବୋଲି କମିଶନର ଦାସ କହିଛନ୍ତି।

ବିଭିନ୍ନ ରାଜ୍ୟରେ ମେଡିକାଲ ଅକ୍ସିଜେନ ଅଭାବକୁ ଦୃଷ୍ଟିରେ ରଖି ସହରରେ ଥିବା କୋଭିଡ୍ ହସ୍ପିଟାଲଗୁଡିକରେ ଯଥେଷ୍ଟ ପରିମାଣର ଅମ୍ଳଜାନ ରଖାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଅକ୍ସିଜେନ ନେଇ କୌଣସି ସମସ୍ୟା ଦେଖାଯାଇନାହିଁ ବୋଲି କମିଶନର କହିଛନ୍ତି। ଦରକାର ପଡ଼ିଲେ ଗୁରୁତର କରୋନା ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯାଉଛି। ଲକ୍ଷଣ ଆସିଲେ ଯଥାଶୀଘ୍ର ଟେଷ୍ଟ କରନ୍ତୁ ବୋଲି କମିଶନର ଦାସ ସୂଚନା ଦେଇଛନ୍ତି।

## ବରିଷ୍ଠ ଅଧିକାରୀଙ୍କ ସମ୍ପୃକ୍ତି ସନ୍ଦେହ

### ଝାରପଡ଼ା ଜେଲରୁ ମୋବାଇଲ ଜବତ ଘଟଣା

ଭୁବନେଶ୍ୱର,୮।୫(ବ୍ୟୁରୋ)

କିଛିଦିନତଳେ ଜେଲ ବିଭାଗ ଆଇଜି ହିମାଂଶୁ ଲାଲ୍‌ଙ୍କ ନେତୃତ୍ୱରେ ଝାରପଡ଼ା ସ୍ୱତନ୍ତ୍ର ଜେଲ୍‌ରେ ଚଢ଼ାଉ ହୋଇଥିଲା। ଚଢ଼ାଉବେଳେ ଦୁର୍ଦ୍ଦାନ୍ତ ଅପରାଧୀ ଟିଟୋଙ୍କ ସେଲ୍ ପଛପଟୁ ଏକ ମୋବାଇଲ ଫୋନ୍ ଜବତ କରାଯାଇଥିଲା। ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରାଯିବାପରେ ଜବତ ମୋବାଇଲ ଫୋନ୍‌ର କଲ୍ ଡିଟେଲସ ରେକର୍ଡ(ସିଡିଆର) ଟେଲିକମ କମ୍ପାନୀକୁ ମଗାଯାଇଥିଲା। ପୋଲିସ ତଦନ୍ତବେଳେ ଏହି ଘଟଣାରେ ଜେଲର ଜଣେ ବରିଷ୍ଠ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ଖୁବଶୀଘ୍ର ଏହି ବରିଷ୍ଠ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜେଲ ବିଭାଗ ତରଫରୁ ସୂଚନା ମିଳିଛି।



ମାତୃ ଦିବସ ଉପଲକ୍ଷେ ଶନିବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## କଟୁରି ଗ୍ୟାଙ୍ଗ୍‌ର ଆଉ ଜଣେ ଗିରଫ

### ୧୧କିଗ୍ରା ରୁପା, ୫ଗ୍ରାମ୍ ସୁନା ଜବତ

ଭୁବନେଶ୍ୱର,୮।୫(ବ୍ୟୁରୋ)

ଲୁଟ୍, ଛିନ୍‌ତାଇ ଭଳି ଅପରାଧ ଘଟାଇ ଦ୍ୱୈତନଗରୀରେ ଆତଙ୍କ ସୃଷ୍ଟି କରିଥିବା କଟୁରି ଗ୍ୟାଙ୍ଗ୍ ଓରଫ ପଲସର ଗ୍ୟାଙ୍ଗ୍‌ର ଅନ୍ୟଜଣେ ଅଭିଯୁକ୍ତଙ୍କୁ ଶନିବାର ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୁଟୁ ଓରଫ ଦେବାଶିଷ ଦାସ(୪୭)। ପୋଲିସ ତାଙ୍କ ନିକଟରୁ ୧୧କେଜି ତରଳୀକୃତ ରୁପା, ୫ଗ୍ରାମ ସୁନା ଓ ନଗଦ ୩ହଜାର ଟଙ୍କା ଜବତ କରିଛି। ଗତ ବୁଧବାର କମିଶନରେଟ୍ ପୋଲିସର ସ୍ପେଶାଲ୍ ସ୍କ୍ୱାଡ୍, ଶହୀଦନଗର ଓ ଖଣ୍ଡଗିରି ଥାନା ପୋଲିସର ମିଳିତ ଉଦ୍ୟମରେ ଏହି ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଲୁଟ୍ ସୁନା, ରୁପା ଅଳଙ୍କାର ଜବତ କରାଯାଇଥିଲା। ଏହି ଗ୍ୟାଙ୍ଗ୍‌ର ଅନ୍ୟ ଜଣେ ଏବେ ମଧ୍ୟ ଫେରାର ଅଛନ୍ତି।

## ଡ୍ରାଇଭରଙ୍କୁ ଚାପିଦେଲା କଣ୍ଟେନର

ଭୁବନେଶ୍ୱର,୮।୫(ବ୍ୟୁରୋ)

- ହେଲ୍‌ପର ଗୁରୁତର
- ଟ୍ରେଲର ଦୁର୍ଘଟଣାଗ୍ରସ୍ତ

୧୬ ନଂ. ଜାତୀୟ ରାଜପଥରେ ଏକ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା କଣ୍ଟେନରଟି ଟ୍ରେଲର କ୍ୟାବିନ ଉପରକୁ ଚଢିଯାଇଛି। ଫଳରେ କଣ୍ଟେନରରେ ଚାପିହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଟ୍ରଲର ହେଲ୍‌ପର ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡ ଜାମଶେଦପୁରର ସନ୍ତୋଷ କୁମାର ଯାଦବ ଏବଂ ଗୁରୁତର ଆହତ ହେଲ୍‌ପର ହେଉଛନ୍ତି ଝାଡ଼ଖଣ୍ଡର ଶିଶିର କୁମାର। ପୋଲିସ ସନ୍ତୋଷଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି ବୋଲି ଖଣ୍ଡଗିରି ପୋଲିସ କହିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୩ଟାରେ ଏକ ଟ୍ରେଲର ଲୁହା କଣ୍ଟେନର ବୋଝେଇ କରି ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ୧୬ନମ୍ବର ଜାତୀୟ ରାଜପଥର ଆଇଗିଣିଆ ଟ୍ରାଫିକ ଛକ ପାଖରେ ଥିବା ହମ୍ପସକୁ ଦେଖି ଡ୍ରାଇଭର ହଠାତ୍ ବ୍ରେକ ମାରିଥିଲେ। ଫଳରେ ଟ୍ରେଲର ଉପରେ ବୋଝେଇ ହୋଇଥିବା କଣ୍ଟେନର ଲକ ବେଲ୍ଟ ଛିଣ୍ଡି ଯାଇଥିଲା। କଣ୍ଟେନରଟି ଟ୍ରେଲର କ୍ୟାବିନ ଉପରେ ଚାପି ହୋଇଯାଇଥିଲା। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୩ଟି କ୍ରେନ ଦ୍ୱାରା ଉଦ୍ଧାର କାର୍ଯ୍ୟ କରିଥିଲେ। ଉଦ୍ଧାର କାର୍ଯ୍ୟ ପ୍ରାୟ ୪ ଘଣ୍ଟା ଚାଲିଥିଲା। ତେବେ ସେତେବେଳକୁ ଡ୍ରାଇଭରଙ୍କ ମୃତ୍ୟୁ ହୋଇସାରିଥିଲା। ଗୁରୁତର ଅବସ୍ଥାରେ ହେଲ୍‌ପରକୁ ଏମସ ଡାକ୍ତରଖାନାକୁ ପଠାଯାଇଥିଲା। ଦୁର୍ଘଟଣା ଯୋଗୁ ପ୍ରାୟ ୫ ଘଣ୍ଟା ଧରି ଜାମ୍ ହୋଇଥିଲା। ଖଣ୍ଡଗିରି ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବିନା କାମରେ ବୁଲୁଥିଲେ, କ୍ରେନ୍ ଟେକିନେଲା ଗାଡ଼ି

ଭୁବନେଶ୍ୱର,୮।୫ (ବ୍ୟୁରୋ)

### ୬୯୮ଙ୍କଠାରୁ ୪୪,୩୫୦ ଟଙ୍କା ଜରିମାନା ଆଦାୟ

କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। ସଂକ୍ରମଣ ଉପରେ ରୋକ ଲଗାଇବାକୁ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏପରି କି ଜରୁରୀ କାର୍ଯ୍ୟ ବ୍ୟତୀତ ବାହାରକୁ ନ ବାହାରିବା ପାଇଁ ପୋଲିସ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ମଧ୍ୟ ଦିଆଯାଉଛି। କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀର ବିଭିନ୍ନ ଛକରେ ବ୍ଲକିଂ ସହ ଜୋର୍‌ଦାର ଚେକିଂ ଆରମ୍ଭ କରାଯାଉଛି। ବିନା କାର୍ଯ୍ୟରେ ମାର୍କେଟରେ ବୁଲୁଥିବା ବ୍ୟକ୍ତିଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ଶନିବାର ମାସ୍କ, ସାମାଜିକ ଦୂରତା ଓ ବାଇକ୍‌ରେ ବିନା କାମରେ ବୁଲିବା ଆଦି କୋଭିଡ ନିୟମ ଭଙ୍ଗ ଅଭିଯୋଗରେ ୬୯୮ ଜଣଙ୍କଠାରୁ ୪୪,୩୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏପରି କି କେତେଜଣଙ୍କ ଗାଡିକୁ କ୍ରେନ୍ ଯୋଗେ ପୋଲିସ ଉଠାଇ ନେଇଥିଲା।

ଶନିବାର ଶଟ୍‌ଡାଉନ ଅବସରରେ ଡିସିପି ଉମାଶଙ୍କର ଦାଶଙ୍କ ନେତୃତ୍ୱରେ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଥିବାବେଳେ ଏଜି ଛକରେ ୧୫ଟି ବାଇକକୁ କ୍ରେନ ସାହାଯ୍ୟରେ ପୋଲିସ ଉଠାଇ ନେଇଥିଲା। ପରେ ଉକ୍ତ ବାଇକଗୁଡ଼ିକରୁ ଫାଇନ ଆଦାୟ କରାଯିବାପରେ ସେଗୁଡିକୁ ଗାଡ଼ି ମାଲିକଙ୍କୁ ଫେରାଇ ଦିଆଯାଇଛି।


ଅମାନିଆଙ୍କ ଗାଡ଼ି ଉଠାଇ ନେଉଛି ପୋଲିସ।

## ୨୭ ପଜିଟିଭ ଚିହ୍ନଟ

ବାରଙ୍ଗ,୮।୫(ଡି.ଏନ୍.ଏ.)

ବାରଙ୍ଗ ଅଞ୍ଚଳର ୧୧ଟି ପଞ୍ଚାୟତରୁ ଶନିବାର ୨୭ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ଉସୁମାରୁ୩, ଶ୍ରୀବନ୍ତପୁରରୁ ୨, ସାଇଁଶୋରୁ ୧, ରାମଦାସପୁରରୁ ୩, ବେଲଗଛିଆ ୬, କୁହ୍ନେଇପଡା ୩, କୁରାଙ୍ଗପ୍ରଧାନ ୩,ଦାଢାପାଟଣା ୧, ମଧୁପୁର ୧, ନଗରୀ ୨, ନରାଜ ମାର୍ଥାପୁର ୨ଜଣ ରହିଥିବା ବିଡିଓ ପ୍ରଭାକର ପଣ୍ଡା ସୂଚନା ଦେଇଛନ୍ତି।

## କୋଭିଡ୍ ହସ୍ପିଟାଲ ପରିଦର୍ଶନ କଲେ ଉପଜିଲାପାଳ

ବାଲକାଟୀ,୮।୫(ଡି.ଏନ୍.ଏ.)

ବାଲକାଟୀ ନିକଟସ୍ଥ ନୀଳାଚଳ କୋଭିଡ୍ ହସ୍ପିଟାଲକୁ ଶନିବାର ଅପରାହ୍ନ ସାଢ଼େ ୨ଟାରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ପରିଦର୍ଶନରେ ଆସି ହସ୍ପିଟାଲର ସ୍ଥିତି ପରଖିଛନ୍ତି। ମହାମାରୀ କରୋନାର ଦ୍ୱିତୀୟ ଲହରକୁ ଆଖି ଆଗରେ ରଖି ସରକାରଙ୍କ ପକ୍ଷରୁ ଦ୍ୱିତୀୟଥର ଭାବେ ଏଠାରେ ନୀଳାଚଳ କୋଭିଡ୍ ହସ୍ପିଟାଲ ଖୋଲାଯାଇଛି। ବିଏମ୍‌ସି ଓ ଜୟଦେବ ନିର୍ବାଚନ ମଣ୍ଡଳୀର କରୋନା ଆକ୍ରାନ୍ତ ଏହି ୫୦ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଉକ୍ତ ହସ୍ପିଟାଲରେ ବିଭିନ୍ନ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି, ସେ ସମ୍ବନ୍ଧୀୟ ସ୍ଥିତି ପରଖିବା ପାଇଁ ସରକାରଙ୍କ ପ୍ରୋଟକଲ ଅନୁଯାୟୀ ଉପଜିଲାପାଳ ସାହୁ, ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା ଏବଂ ଅନ୍ୟ ୩ ଅଧିକାରୀ ଆସିଥିଲେ। ଚିକିତ୍ସିତ ରୋଗୀଙ୍କ ଚିକିତ୍ସା ସମସ୍ୟା ସମ୍ପର୍କିତ ଆଲୋଚନା କରିଥିଲେ। ଏ ସମ୍ପର୍କରେ ତହସିଲଦାର ପଣ୍ଡା କହିଛନ୍ତି, ଏହି କେନ୍ଦ୍ରରୁ ଆରୋଗ୍ୟଲାଭ କରି ଶନିବାର ଡିସ୍‌ଚାର୍ଜ ହୋଇଥିବା ୩ ଆକ୍ରାନ୍ତ ସହିତ ଏଠାକାର ଚିକିତ୍ସା ସେବା ସମ୍ପର୍କରେ ପଚାରିଥିଲୁ। ସେମାନଙ୍କଠାରୁ ସନ୍ତୁଷ୍ଟିଜନକ ଉତ୍ତର ପାଇ ଠିକ ଭାବେ ଚିକିତ୍ସା ଚାଲିଥିବା ଜାଣିପାରିଥିଲୁ ବୋଲି କହିଥିଲେ।

## ଅବହେଳିତ ପିଲାଙ୍କ ମା' ଅମିୟବାଳା

ଭୁବନେଶ୍ୱର, ୮।୫ (ବ୍ୟୁରୋ)

କେବଳ ନିଜ ଜନ୍ମିତ ସନ୍ତାନ ନୁହେଁ ବରଂ ସମାଜରେ ଅବହେଳିତ ପିଲାଙ୍କୁ ସାହାରା ଦେଉଥିବା ମହିଳା ପ୍ରକୃତରେ ମା' ପଦବାଚ୍ୟ। ସେହିପରି ଜଣେ ମହିଳା ହେଉଛନ୍ତି ଭୁବନେଶ୍ୱର ପାତ୍ରପଡ଼ାର ଅମିୟବାଳା ପରିଡା। କାକଟପୁର ମହିଳା ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ଅମୀୟବାଳା ଜଣେ ସାମାଜିକ କର୍ମୀ। ସ୍ୱାମୀ ଓ ଏକମାତ୍ର ପୁଅ ଗିରିଜାକୁ ନେଇ ହସଖୁସିରେ ଚାଲିଥିଲା ତାଙ୍କ ସଂସାର। କିଛିବର୍ଷ ପୂର୍ବେ ରୋଗରେ ସ୍ୱାମୀ ଶଯ୍ୟାଶାୟୀ ହେବା ପରେ ପୁଅ ପ୍ରେରଣାରେ ଚଣ୍ଡୀପ୍ରସାଦ ଫାଉଣ୍ଡେଶନ ଟ୍ରଷ୍ଟ ଗଢି ସମାଜସେବାରେ ମନ ଦେଇଥିଲେ। ତେବେ ୨୦୧୯ ମେ ୨୫ରେ ପୁଣି ଥରେ ତାଙ୍କ ସଂସାର ଉପରେ ଝଡ ମାଡ଼ି ଆସିଥିଲା। ଏକ ସଡକ ଦୁର୍ଘଟଣାରେ ସେ ନିଜ ପୁଅକୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗିପଡିଥିଲେ। ପୁଅକୁ ହରାଇଲେ ସିନା ହେଲେ ଏବେ ସେ ଶହ ଶହ ପିଲାଙ୍କ ମା' ପାଲଟି ଯାଇଛନ୍ତି। ପୁଅର ସ୍ମୃତି ରକ୍ଷା କରି ମାଷ୍ଟର ଗିରିଜା ମେମୋରିଆଲ ଟ୍ରଷ୍ଟ ଗଠନ କରିଛନ୍ତି। ଏହି ଟ୍ରଷ୍ଟ ଭୁବନେଶ୍ୱରର ବିଭିନ୍ନ ବସ୍ତିରେ ଅବହେଳିତ ପିଲାଙ୍କୁ ଖାଦ୍ୟ ଓ ପଢିବା ପାଇଁ ଉପକରଣ ଦେଉଛି। ପ୍ରତିମାସର ୨୫ ତାରିଖରେ ବିଭିନ୍ନ ଅଞ୍ଚଳରେ ପିଲାଙ୍କୁ ଅନ୍ନଦାନ କରାଯାଉଛି। ଅମୀୟବାଳା କୁହନ୍ତି, ମୋ ପୁଅ ଗିରିଜା ମୋ ପାଇଁ ପ୍ରେରଣା। ଆଗରୁ ମୁଁ କେବଳ ତା' ମା' ଥିଲି ହେଲେ ଏବେ ମୁଁ ସାର୍ବଜନୀନ ମା'। ଭଗବାନ ସେଥିପାଇଁ ମୋ ପୁଅକୁ ମୋ' ଠାରୁ ଛଡେଇ ନେଲେ ଯେମିତି ମୁଁ ସବୁ ପିଲାମାନଙ୍କ ପାଇଁ କିଛି କରି ପାରିବି।





ସୁଶାନ୍ତ ସାହୁଙ୍କ କଳାକୃତି

# ମୋ ମା'...

ଭୁବନେଶ୍ୱର, ୮।୫(ବ୍ୟୁରୋ)

**କୁହାଯାଏ ମା' ହେଉଛି ସ୍ୱର୍ଗଠାରୁ ବଡ଼। ତା' ପଣତ କାନିରେ ମୁଣ୍ଡ ଗୁଞ୍ଜି ଦେଲେ ଦୁନିଆର ସବୁ ଦୁଃଖକଷ୍ଟ ଆପଣା ଛାଏଁ ଦୂର ହୋଇଯାଏ। ତା'ର ସ୍ନେହ ବୋଳା ପଦିଏ କଥା ଅମୃତ ସହ ସମାନ। ଦୁନିଆର ସବୁ ଦୁଃଖକୁ ନିଜ ଭିତରେ ଚାପି ରଖି ସେ ସନ୍ତାନର ମଙ୍ଗଳ କାମନା କରେ। ଜୀବନର ସବୁ ପରିସ୍ଥିତିରେ ମା' ସବୁବେଳେ ଥାଏ। ସନ୍ତାନର ସବୁ କୃତି ପଛରେ ମା'ର ଭୂମିକା ଅବର୍ଣ୍ଣନୀୟ। ବିଶ୍ୱ ମାତୃତ୍ୱ ଦିବସ ଅବସରରେ କେତେଜଣ ସେଲିବ୍ରିଟିଙ୍କ ଜୀବନରେ ମା'ର ଭୂମିକାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**

### ମା' ଠାରୁ ଟଙ୍କା ଆଣି ଭୁବନେଶ୍ୱର ଆସିଥିଲି

ମୋ ଜୀବନରେ କଳାର ପ୍ରେରଣା ହେଉଛି ମୋ ମା' ସାବିତ୍ରୀ ବିଶ୍ୱାଳ। ମୁଁ ଯେତେବେଳେ ଗାଁରୁ ବିକେ ଆର୍ଟ କଲେଜ୍‌ରେ ପାଠ ପଢିବାକୁ ଆସିଲି ସେତେବେଳେ ମୋ' ପାଖରେ ଟଙ୍କାଟିଏ ନ ଥିଲା। ଆମ ଘରର ଭାଗବତ ବହି ଥିଲା ମୋ ମା'ର ମନିପର୍ସ। ସେ ସେଥିରେ ଲୁଚାଇ ରଖିଥିବା ୧୫୬ ଟଙ୍କା କାଢ଼ି ମୋତେ ଦେଇଥିଲା। ସେ ମୋ ସ୍ୱପ୍ନକୁ ଭଲଭାବେ ବୁଝି ପାରିଥିଲା। ସେଇ ଟଙ୍କାକୁ ନେଇ ମୁଁ ସହରକୁ ଆସିଥିଲି। ଆଜି ଜଣେ ଅଭିନେତା ସହ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ଭାବେ ମାନ୍ୟତା ପାଇଛି।



**-ଚିନ୍ତାମଣି ବିଶ୍ୱାଳ, ଅଭିନେତା ଓ ଚିତ୍ରଶିଳ୍ପୀ**

### ମା' ଆସିବା ପରେ ହୋସ୍ ଆସିଥିଲା

ମୁଁ ଯୁକ୍ତ୨ରେ ପଢୁଥାଏ। ମୋ ବଡ ଭଉଣୀ ଘରକୁ ବୁଲିବାକୁ ବ୍ରହ୍ମପୁର ଯାଇଥାଏ। ସେଠାରେ ଦିନେ ହଠାତ୍ ମୋ ଦେହ ଖରାପ ହେଲା। ମତେ ମେଡିକାଲ ନେଲେ, କିନ୍ତୁ ଆମଘରେ କିଛି ଖବର ଦେଲେ ନାହିଁ। ମା' (ରଜନୀ ଖଣ୍ଡୁଆଳ) ମୋ କଥା ବୁଝିବାକୁ ସବୁଦିନ ଫୋନ୍ କଲେ। ୪/୫ଦିନ ଧରି ମୋ ସହ କଥା ନ ହୋଇ ପାରିବାରୁ କାହାକୁ କିଛି ନ କହି ସେ ଭଉଣୀ ଘରକୁ ଚାଲି ଆସିଲେ। ସେଠାରେ ମୋ ଦେହ ଖରାପ କଥା ଶୁଣି ମେଡିକାଲ ଗଲେ। ସେଠାରେ ମତେ ଦେଖି ହଠାତ୍ ସେ ବେହୋସ୍ ହୋଇଗଲେ। ଏପଟେ ମୋର ବି ୪/୫ ଦିନ ହେବ ହୋସ୍ ଆସୁ ନ ଥାଏ। ମା' ମେଡିକାଲକୁ ଆସି ମୋ ପାଖରେ ବସିବା ପରେ ମୋର ହୋସ୍ ଆସିଲା। ଏ କଥା ଦେଖି ଡାକ୍ତରମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।



**-ଧରିତ୍ରୀ ଖଣ୍ଡୁଆଳ, ଅଭିନେତ୍ରୀ**

### ମୋ' ପାଇଁ ସେ ଦେବୀ

ମା' (ଲବଙ୍ଗଲତା ଯୋଶୀ) ଓ ମୋର ସମ୍ପର୍କ ଟିକେ ନିଆରା। ଗୋଟେ ଶବ୍ଦରେ କହିଲେ ମୁଁ ମାମାସ୍ ବୟ। ସାଧାରଣତଃ



ପୁଅମାନେ ଘୁଙ୍ଗୁର ପିନ୍ଧିଲେ ଘରେ ବାରଣ କରନ୍ତି। କିନ୍ତୁ ମୁଁ ପ୍ରଥମ ଶ୍ରେଣୀରେ ପଢିବା ବେଳେ ଘୁଙ୍ଗୁର ପିନ୍ଧିଥିଲି, ଆଉ ମା' ଏହା ଦେଖି ମତେ ଗେଲ କରିଥିଲେ। ଘୁଙ୍ଗୁରକୁ ପୁଅ ଓ ଝିଅ ଉଭୟେ ପିନ୍ଧି ପାରିବେ ବୋଲି ସେ ହିଁ ମତେ କହିଥିଲେ। ମୋ ପାଇଁ ସେ ଦେବୀ। ମୋର ପ୍ରଥମ ଫୋନ୍ କିଣିବା ପାଇଁ ମା' ସଞ୍ଚୟ କରିଥିବା ସବୁ ପଇସା ମତେ ଦେଇଥିଲେ। ତାଙ୍କ ଟଙ୍କାରେ ମୁଁ ପ୍ରଥମେ ଗାଡ଼ି ଓ ସୁନାମୁଦି କିଣିଥିଲି। ତାଙ୍କ ପ୍ରେରଣା ଓ ପଥ ପ୍ରଦର୍ଶନ ପାଇଁ ମୁଁ ଆଗକୁ ବଢ଼ି ପାରିଛି।

**-ଶାଶ୍ୱତ ଯୋଶୀ, ନୃତ୍ୟଶିଳ୍ପୀ**

### ଲକ୍‌ଡାଉନ୍‌ରେ ମା'ର ଅଭାବ ଅନୁଭବ କରିଥିଲି

ଗତବର୍ଷ କରୋନା ସମୟରେ ମୁଁ କୋଲକାତାରେ ଥାଏ। ଭୁବନେଶ୍ୱର ଆସିବା ପାଇଁ ବାହାରିବାବେଳେ ଟ୍ୟାକ୍ସି, ଅଟୋ ବନ୍ଦ ଥିବାରୁ ଫ୍ଲାଇଟ୍ ମିସ୍ କରିଦେଲି। ପ୍ରାୟ ୩ମାସ ମତେ ସେଠାରେ ଏକୁଟିଆ ରହିବାକୁ ପଡ଼ିଥିଲା। ରୋଷେଇ ଆସୁ ନ ଥିବାରୁ ଭଲ ଖାଇବାକୁ ମିଳୁ ନ ଥିଲା। ସେହି ସମୟରେ ମୁଁ ମୋ ମା' (ମିନତୀ ମିଶ୍ର)ଙ୍କୁ ବହୁତ ମନେ ପକେଇଛି। ଅନ୍ୟବେଳେ ବ୍ୟସ୍ତ ଥିବା ସମୟରେ ସେ ଫୋନ୍ କଲେ କିମ୍ବା କିଛି କହିଲେ ମୁଁ ରାଗିଯାଏ। କିନ୍ତୁ ସେହି ଲକ୍‌ଡାଉନ ସମୟରେ ହିଁ ମୁଁ ତାଙ୍କ ଅଭାବକୁ ଅନୁଭବ କରିଥିଲି। ଶେଷରେ ବାପା କାର୍‌ରେ ଯାଇ ମତେ କୋଲକାତାରୁ ଘରକୁ ଆଣିଥିଲେ। ଆମେ ଦୁହେଁ ପରସ୍ପରକୁ ଦେଖି ବହୁତ



ସମୟ ଯାଏ କାନ୍ଦିଥିଲୁ। ସେଇଟା ମୋ' ଜୀବନର ସବୁଠୁ ଖରାପ ସମୟ ଥିଲା।

**-ଜାଗୃତି ମିଶ୍ର, କଣ୍ଠଶିଳ୍ପୀ**

## ବାଲିଘାଟରେ ଚଢାଉ, ପୋକ୍‌ଲିନ୍ ଜବତ

ନିଆଳି, (ଡି.ଏନ.ଏ.): ନିଆଳି ତହସିଲ ଅନ୍ତର୍ଗତ କନ୍ଦଳ ନଦୀର ପହଙ୍ଗା ଘାଟରେ ବାଲି ଚୋରା ଚାଲାଣ ହେଉଥିଲା। ଖବରପାଇ ଶନିବାର ତହସିଲଦାର ବିଦ୍ୟାଧର ପତି ନିଆଳି ପୋଲିସ ସହାୟତାରେ ଘାଟ ନିକଟରେ ପହଞ୍ଚି ବାଲିଉଠାଣରେ ବ୍ୟବହୃତ ଏକ ପୋକ୍‌ଲିନ ମେଶିନ୍‌କୁ ଜବତ କରିଥିଲେ। ତେବେ ଚଢାଉବେଳେ ଦୁଇଟି ଜେସିବି ଓ ୭ଟି ଟିପ୍ପର ପଳାଇ ଯାଇଥିବା ଜଣାପଡିଛି। ଉକ୍ତ ବାଲିଘାଟରୁ ବେଆଇନ ବାଲି ଚାଲାଣ ହେଉଥିବାରୁ ସରକାରଙ୍କର ଲକ୍ଷାଧିକ ଟଙ୍କାର ରାଜସ୍ୱହାନୀ ହେଉଛି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ତହସିଲ ପକ୍ଷରୁ ଚଢାଉ କରାଯାଇଥିଲା।

### ସଂକ୍ଷେପରେ

## ୧୦ରୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯିବ

କଟକ ଅଫିସ,୮।୫: ସହରର ଟିକା କେନ୍ଦ୍ରରେ ଅସମ୍ଭାଳ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମକୁ ଟିକାକରଣ କେନ୍ଦ୍ର ଭାବରେ ଘୋଷଣା କରାଯାଇଛି। ଏ ନେଇ କଟକ ମହାନଗର ନିଗମ(ସିଏମ୍‌ସି ) ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଆସନ୍ତା ୧୦ ତାରିଖ ସକାଳ ୯ଟାରୁ ଇନ୍‌ଡୋର ଷ୍ଟାଡିୟମରେ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ଟିକା ଦିଆଯିବ। ଟିକା କେନ୍ଦ୍ର ଦାୟିତ୍ୱରେ ସିଟି ହେଲ୍‌ଥ ଅଫିସର ରହିବେ। ଏହି ଟିକା କେନ୍ଦ୍ରର ସାଇଟ୍ ଇନ୍‌ଚାର୍ଜ ଦାୟିତ୍ୱରେ ସିଏମ୍‌ସି ଯୁଗ୍ମ କମିଶନର ସୁମିତା ସରକାର ରହିବେ। ସେକ୍ରେଟେରୀ ଲତାଶ୍ରୀ ବାଗ୍ ଉକ୍ତ କେନ୍ଦ୍ରରେ ପାଣି ଓ ଟୋକନ୍ ବ୍ୟବସ୍ଥାର ତଦାରଖ କରିବା ସହ ଅନ୍ୟ ସମସ୍ତ ବିଭାଗ ସହିତ ଆବଶ୍ୟକ ସମନ୍ୱୟ ରକ୍ଷା କରି ଡାଟା ପରିଚାଳନାରେ ସହାୟତା କରିବେ। ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବିତା ରାୟ ଟିକାକେନ୍ଦ୍ରରେ ଭିଡ଼ ପରିଚାଳନା ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜନ କରିବା କାର୍ଯ୍ୟକ୍ରମ ରହିଛି।

## ବାଇକ୍, ଟଙ୍କା ଜବତ: ଜଣେ ଗିରଫ

କଟକ ଅଫିସ, ୮।୫: ଲୁଟ୍ ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ଜିଲା ଜଖପୁରା ଥାନା ଦାସମଣି ଗ୍ରାମର ଗଣେଶ ପ୍ରଧାନ। ତାଙ୍କ ନିକଟରୁ ଏକ ବାଇକ୍ ଓ ୪୦,୦୦୦ ଟଙ୍କା ଜବତ କରାଯାଇଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନାନୁଯାୟୀ, ଗତ ୨୯ ତାରିଖରେ ଜଗତ୍‌ପୁର ଥାନା ଅଧୀନ ପାଗା ବଜାରଠାରେ ଗାଡି ଡିକି ଭାଙ୍ଗି ୩୦,୪୦୦ ଟଙ୍କା ଲୁଟ୍ ହୋଇଥିଲା। ଜଗତ୍‌ପୁର ଥାନା ଅଞ୍ଚଳର ରାମଚନ୍ଦ୍ର ସାହୁ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୭୧/୨୧) ରୁଜୁ କରିଥିଲା। ପରେ ପୋଲିସ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଗଣେଶ ଚୋରି କରିଥିବା ଜାଣିବାକୁ ପାଇଥିଲା। ପରେ ପୋଲିସ ତାଙ୍କୁ ଗତ ଶୁକ୍ରବାର ଯାଜପୁର ଦାସମଣି ଗ୍ରାମରୁ ଗିରଫ କରିଥିଲା। ଗତ ୨୭ ତାରିଖରେ ଗଣେଶ ଓ ତାଙ୍କ ଅନ୍ୟ ସହଯୋଗୀ ଚୌଦ୍ୱାର ଓଟିଏମ୍ ଛକରୁ ଆଉ ଏକ ବାଇକ୍‌ର ଡିକି ଭାଙ୍ଗି ୨ଲକ୍ଷ ୫୦ ହଜାର ଟଙ୍କା ଚୋରି କରିଥିବାର ପୋଲିସ ନିକଟରେ ସ୍ୱୀକାର କରିଥିଲେ।

## ଡ୍ରିମ୍ସରେ ରେଡକ୍ରସ୍ ଦିବସ

କଟକ ଅଫିସ, ୮।୫: ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ପକ୍ଷରୁ ଶନିବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଭର୍ଚୁଆଲ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ବର୍ତ୍ତମାନ ସଂକଟ ସମୟରେ ଉତ୍ସର୍ଗୀକୃତ ମନୋଭାବ ନେଇ ଲୋକଙ୍କ ସେବା କରିବାକୁ ଆଗେଇ ଆସିବା ଲାଗି ପରାମର୍ଶ ଦେଇଥିଲେ। ଏହି ଅବସରରେ ରକ୍ତସଂଗ୍ରହ ଲାଗି 'ଡ୍ରିମ୍‌ସ' ହାସଲ କରିଥିବା ସଫଳତାର ସ୍ମାରକୀ ମୁଖ୍ୟ ପ୍ରଶାସନିକ ଭବନଠାରେ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ଇଞ୍ଜିନିୟର ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଲୋକନାଥ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଡାକ୍ତର ଦେବେନ୍ଦ୍ର ସାମନ୍ତରାୟଙ୍କ ପରଲୋକ

ଭୁବନେଶ୍ୱର, ୮।୫((ବ୍ୟୁରୋ)- କରୋନା ନେଇଛି ଆଉ ଜଣେ ଯୋଦ୍ଧାଙ୍କ ଜୀବନ। କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ଡାକ୍ତର ଦେବେନ୍ଦ୍ର କିଶୋର ସାମନ୍ତରାୟଙ୍କ ଶନିବାର ମୃତ୍ୟୁ ଘଟିଛି। ତାଙ୍କୁ ୮୨ବର୍ଷ ହୋଇଥିଲା। ସ୍ଥାନୀୟ ବ୍ରହ୍ମେଶ୍ୱରପାଟଣାର ବାସିନ୍ଦା ଦେବେନ୍ଦ୍ର



୨୦୨୦ ମେ ମାସରୁ କରେନା ମହାମାରୀକୁ ଭୃକ୍ଷେପ ନ କରି ରୋଗୀଙ୍କ ଚିକିତ୍ସା କରି ଆସୁଥିଲେ। ମାନବ ସେବାକୁ ନିଜର ବ୍ରତ ଭାବେ ବାଛିନେଇ ତାଙ୍କ ନିକଟକୁ ଚିକିତ୍ସା ପାଇଁ ଯିଏବି ଆସୁଥିଲେ, ସେ ତାଙ୍କୁ ସେବା ଯୋଗାଉଥିଲେ। ଦେବେନ୍ଦ୍ର ବ୍ରହ୍ମପୁରସ୍ଥିତ ଏମ୍‌କେସିଜି କଲେଜ ଓ ହସ୍ପିଟାଲରେ ଦୀର୍ଘ ଦିନ ଧରି ଯକ୍ଷ୍ମା ଓ ଛାତି ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରିଥିଲେ। ଚାକିରିରୁ ଅବସର ନେବା ପରଠାରୁ ଚିକିତ୍ସା ସେବା ଜାରି ରଖିଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗାଡ଼ିରେ ବସି ଟିକା ନେଲେ



ଏସ୍‌ପ୍ଲାନେଡ୍ ମଲ୍‌ରେ କାର୍ ଭିତରେ ଜଣେ ମହିଳାଙ୍କୁ ଟିକା ଦିଆଯାଉଛି।

■ପ୍ରଥମ ଦିନରେ ୪ଶହ
■ରାଜଧାନୀରେ ଦ୍ୱିତୀୟ ଡୋଜ୍ ଟିକାକରଣ ଆରମ୍ଭ

ଭୁବନେଶ୍ୱର, ୮।୫ (ବ୍ୟୁରୋ)

କୋଭିଡ୍ ଟିକା ନେବାକୁ ବିଭିନ୍ନ ସ୍ଥାନରେ ଭିଡ଼ ଜମୁଥିବାବେଳେ କେତେକ କେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଥିଲା। ଏହାକୁ ଦୂର କରିବା ସହ ରାଜଧାନୀବାସୀଙ୍କୁ ସୁବିଧାରେ ଟିକା ଦେବା ପାଇଁ ବିଏମ୍‌ସି ପକ୍ଷରୁ ଶନିବାରଠାରୁ ଡ୍ରାଇଭ୍ ଇନ୍ ଭାକ୍ସିନ ଯୋଜନା ଆରମ୍ଭ ହୋଇଛି। ପ୍ରଥମ ଡୋଜ୍ ଟିକା ନେଇଥିବା ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ରସୁଲଗଡସ୍ଥିତ ଏସ୍‌ପ୍ଲାନେଡ୍ ମଲ ପାର୍କିଂଠାରେ ଏହି ଟିକା ବ୍ୟବସ୍ଥା କରାଯାଇଛି। ଶନିବାର ଟିକା ନେବା ପାଇଁ ଶୁକ୍ରବାରଠାରୁ ସ୍ଲଟ ବୁକିଂ ଆରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ମହାନଗର ନିଗମ ଅଞ୍ଚଳର ୪୦୦ଜଣ ବ୍ୟକ୍ତି ଟିକା ନେଇଥିଲେ। ଲୋକେ ଧାଡ଼ିରେ ଠିଆ ନ ହୋଇ ନିଜ ନିଜ ଗାଡ଼ିରେ ହିଁ ଟିକା ନେଇଥିଲେ। ସକାଳ ୮ଟା ୪୫ରୁ ଟିକାକରଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ତେବେ ଅପରାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ୨ଘଣ୍ଟା ଟିକାକରଣ ବନ୍ଦ ରହିଥିଲା। ସେହିପରି ଟିକାକରଣ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ, ବ୍ୟାରିକେଡ, ରେଜିଷ୍ଟ୍ରେଶନ ଚେକିଂ ଭଳି ଅନେକ କାର୍ଯ୍ୟରେ ଏସ୍‌ପ୍ଲାନେଡ୍ ମଲ୍‌ର ସେଣ୍ଟର ହେଡ୍ ପାର୍ଥ ପ୍ରତିମ ନାୟକ ସହଯୋଗ କରିଥିଲେ। ଏହି ସମୟରେ ଜଳ ସମ୍ପଦ ବିଭାଗର ଯୁଗ୍ମ ସଚିବ ସୁବ୍ରତ କୁମାର ପଣ୍ଡା ମଲ୍‌କୁ ଆସି ଟିକାକରଣ ତଦାରଖ କରିଥିଲେ। ଏଥିସହ ଟିକା ନେବାକୁ ଆସିଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ବିଏମ୍‌ସି ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥଙ୍କ ତତ୍ତ୍ୱାବଧାନରେ ଟିକାକରଣ କାର୍ଯ୍ୟକ୍ରମ ହୋଇଥିଲା। ଟିକାକରଣ ପାଇଁ ସ୍ଲଟ ବୁକିଂ ହେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖକୁ ମେସେଜ୍ ଯାଉଛି। ସ୍ଲଟ୍ ବୁକିଂ କରିଥିବା ବ୍ୟକ୍ତିଙ୍କୁ ହିଁ ମଲ୍‌ର ପାର୍କିଂସ୍ଥଳକୁ ଛଡ଼ାଯାଉଛି ଓ ସେମାନେ ଟିକା ନେଉଛନ୍ତି। ତେବେ ପ୍ରତି ରବିବାର ଟିକାକରଣ ବନ୍ଦ ରହୁଥିବାରୁ ପରବର୍ତ୍ତୀ ଟିକାକରଣ ସୋମବାର କରାଯିବ ବୋଲି ସୂଚନା ଦିଆଯାଇଛି।

## ୧୦୩୪ ନୂତନ ସଂକ୍ରମିତ ଚିହ୍ନଟ

### ସୁସ୍ଥ ହେଲେ ୧୦୧୯

ଭୁବନେଶ୍ୱର, ୮।୫(ବ୍ୟୁରୋ)

ରାଜଧାନୀରେ କରୋନା ସଂକ୍ରମଣ ହାର କମିବାର ନାଁ ଧରୁନାହିଁ। ଖୋର୍ଦ୍ଧା ଜିଲାରେ ଭୁବନେଶ୍ୱର ହଟ୍‌ସ୍ପଟ୍ ପାଲଟିଥିବାବେଳେ ପ୍ରତିଦିନ ଏଠାରୁ ୧ହଜାର ଉପରକୁ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଗତ ୨୪ଘଣ୍ଟାରେ ଏଠାରୁ ୧୦୩୪ ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୫୪ ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବା ବେଳେ ୮୮୦ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ସଂକ୍ରମିତଙ୍କ ସଂଖ୍ୟା ୫୨ହଜାର ୫୩୦ ଛୁଇଁଛି। ତେବେ ସେମାନଙ୍କ ମଧ୍ୟରୁ ୪୨ହଜାର ୧୫୫ଜଣ ସୁସ୍ଥ ହୋଇଛନ୍ତି। ସେହିପରି ଗତ ୨୪ ଘଣ୍ଟାରେ ୧୦୧୯ ଜଣ ସଂକ୍ରମିତ ସୁସ୍ଥ ହୋଇ ଫେରିଯାଇଛନ୍ତି, ଯାହାକି ବର୍ତ୍ତମାନର ସଙ୍ଗିନ ସ୍ଥିତିରେ ଏକ ପ୍ରକାର ଆଶ୍ୱସ୍ତି ଆଣିଛି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ପଟିଆ ଓ ନୟାପଲ୍ଲୀରୁ ୫୪ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ସେହିପରି ଖଣ୍ଡଗିରି ଓ ଲକ୍ଷ୍ମୀସାଗରରୁ ୪୦ଜଣ ଲେଖାଏ, ଚନ୍ଦ୍ରଶେଖରପୁରରୁ ୩୫, ପୁରୁଣା ଭୁବନେଶ୍ୱରରୁ ୩୭, ଡୁମୁଡୁମାରୁ ୩୩, ରସୁଲଗଡ଼ରୁ ୨୭, ବରମୁଣ୍ଡାରୁ ୨୪, ଝାରପଡ଼ା, ୟୁନିଟ୍–୮, ୟୁନିଟ୍–୯ ଏବଂ ଶୈଳଶ୍ରୀବିହାରରୁ ୨୩ଜଣ ଲେଖାଏ, ବିଜେବି ନଗରରୁ ୨୧, ସୁନ୍ଦରପଦାରୁ ୨୦, ନିଳାଦ୍ରୀବିହାରରୁ ୧୯, ବରଗଡ଼ରୁ ୧୫, ବମିଖାଲ ଓ ୟୁନିଟ୍–୬ରୁ ୧୩ଜଣ ଲେଖାଏ, ପୋଖରୀପୁଟ୍, ଶାସ୍ତ୍ରୀନଗର ଓ ମଞ୍ଚେଶ୍ୱରରୁ ୧୧ ଜଣ ଲେଖାଏ ଆକ୍ରାନ୍ତ ରହିଛନ୍ତି। ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ୨୭୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଏବେ ୧୦ ହଜାର ୭୫ଟି ସକ୍ରିୟ ମାମଲା ରହିଛି।



ଶନିବାର ଗନ୍ତବ୍ୟସ୍ଥଳକୁ ଯିବା ପାଇଁ କଟକ ରେଳଷ୍ଟେଶନ ପ୍ଲାଟ୍‌ଫର୍ମକୁ ପ୍ରବେଶବେଳେ ସାମାଜିକ ଦୂରତା ପ୍ରତି ଧ୍ୟାନ ଦେଉ ନ ଥିବା ଯାତ୍ରୀମାନେ।

## ସଙ୍ଗୀତ ଆଲବମ୍ ଉନ୍ମୋଚିତ

ଭୁବନେଶ୍ୱର, ୮।୫(ବ୍ୟୁରୋ)

ଅଳଙ୍କାର ମ୍ୟୁଜିକର ଚତୁର୍ଥ ନିବେଦନ 'ଜାଣିଛି ଜୀବନେ ଆସିବୁନି କେବେ' ସଙ୍ଗୀତ ଆଲବମ୍ ଶନିବାର ଉନ୍ମୋଚିତ ହୋଇଛି। ସୂଚନା ଭବନ ସମ୍ମୁଖରେ ବିଧାୟକ ସୁରେଶ ରାଉତରାୟ ଏହାକୁ ଉନ୍ମୋଚନ କରିଛନ୍ତି। ଗୀତିକାର ପ୍ରକାଶ ମିଶ୍ର ଗୀତ ରଚନା କରିଥିବାବେଳେ ବିଶ୍ୱଜିତ୍ ସ୍ୱାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସୋମନାଥ ସାହୁ କଣ୍ଠଦାନ କରିଛନ୍ତି। ମ୍ୟୁଜିକ ଆରେଞ୍ଜମେଣ୍ଟ ରାଜେଶ କୁମାରଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଜ୍ୟୋତି ରଞ୍ଜନ ସ୍ୱାଇଁ ଏହାକୁ କ୍ୟାମେରାରେ ଉତ୍ତୋଳନ କରିଛନ୍ତି। ଏହା ଏକ ପ୍ରେମ ସଙ୍ଗୀତ ବୋଲି ବିଧାୟକ କହିଛନ୍ତି। ଲକ୍‌ଡାଉନ ସମୟରେ ମୋବାଇଲ୍‌ରେ ଏହି ଗୀତକୁ ଶୁଣିବେ ଏବଂ ଦେଖିପାରିବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ବୁନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁରେ ହାତୀପଲ, ଚିତାବାଘ: ଗ୍ରାମବାସୀ ଆତଙ୍କିତ

ଖୁଣ୍ଟୁଣୀ/ ସାଲେପୁର, ୮।୫(ଡି.ଏନ.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ଖମାରନୂଆଗାଁ ନିକଟ ଫୁଲକୀଝଟିଆ ବୁଦା ଜଙ୍ଗଲରେ ଶୁକ୍ରବାର ରାତି ୧୨ଟାରୁ ଶନିବାର ରାତି ୯ଟା ପର୍ଯ୍ୟନ୍ତ ୧୩ ଟିକିଆ ହାତୀପଲ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେଠାରେ ସେମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଆତଙ୍କିତ ହୋଇପଡିଥିଲେ। ଜଙ୍ଗଲ ବିଭାଗ ସୂଚନା ମୁତାବକ, ଶୁକ୍ରବାର ରାତିରେ ଏହି ହାତୀପଲ ନିକଟସ୍ଥ ସୁବାସୀ ସଂରକ୍ଷିତ ଜଙ୍ଗଲରୁ ବାହାରି ଶଙ୍ଖପୋଇ ସଂରକ୍ଷିତ ଜଙ୍ଗଲକୁ ଯାଉଥିଲେ। ହେଲେ ବାଟରେ ଫୁଲକୀଝଟିଆ ପଡିଆରେ ଏକାଠି ହୋଇଥିଲେ। ସେଠାରେ ଥିବା ଏକ କାରଖାନା ପକ୍ଷରୁ ସୁଉଚ୍ଚ ପାଚେରି ନିର୍ମାଣ କରାଯିବା ସହ ଶତାଧିକ ହାଇମାଷ୍ଟ ଲାଇଟ ଲଗାଯାଇଥିବାରୁ ହାତୀପଲ ଆଗକୁ ଯାଇପାରି ନ ଥିଲେ। ଖବରପାଇ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର୍ ଓ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀମାନଙ୍କୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ। ରିପୋର୍ଟ ଲେଖାହେବା ବେଳକୁ ହାତୀପଲ ସୁବାସୀ ସଂରକ୍ଷିତ ଜଙ୍ଗଲ ମୁହାଁ ହୋଇଥିବା ବନାଞ୍ଚଳ ଅଧିକାରୀ ମାଥୁର୍ କହିଛନ୍ତି।

ସେହିପରି ଚିତାବାଘକୁ ନେଇ ସାଲେପୁର ଅଞ୍ଚଳର ୫ଖଣ୍ଡ ଗାଁ ଲୋକମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଶନିବାର ମଧ୍ୟାହ୍ନରେ ନାନ୍ଦୋଳ ବଜାର ନିକଟରେ ଥିବା ଗହିର ବିଲରେ ଏକ ଚିତା ବାଘ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାପରେ ବାଘ ବାହାରିଥିବା ସ୍ଥାନରେ ଲୋକଙ୍କ ଭିଡ଼ ଜମିଥିଲା। କେତେଜଣ ପ୍ରତ୍ୟକ୍ଷଦର୍ଶୀ ବାଘକୁ ଦେଖିଲାପରେ ବାଘଟି ଏକ ପୋଲ ତଳ ସୋଠରେ ପଶିଯାଇଥିଲା। ଖବର ପାଇ ସାଲେପୁର ପୋଲିସ ପହଞ୍ଚି କଟକ ବନ ବିଭାଗକୁ ଖବର ଦେଇଥିଲା। ବନ ବିଭାଗ କର୍ମଚାରୀ ପହଞ୍ଚି ସୋଠର ଏକ ପାର୍ଶ୍ୱରେ ନିଆଁ ଜାଳି ବାଘକୁ ବାହାର କରିବାକୁ ଉଦ୍ୟମ କରିଥିଲେ। ହେଲେ ଖବର ଲେଖାହେବା ବେଳକୁ ବାଘକୁ ଉଦ୍ଧାର କରାଯାଇ ପାରି ନ ଥିଲା। ବାଘକୁ ନେଇ ଏବେ ସାଲେପୁର ଅଞ୍ଚଳର ନାନ୍ଦୋଳ, ସଉରୀ, ଶିଶୁଆ, ସମେତ ପାଞ୍ଚ ଖଣ୍ଡ ମୌଜାର ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଭାଇରାଲ ହୋଇଥିବା ଭିଡିଓରେ ବାଘଟି ଚିତାବାଘ ଭଳି ଦେଖାଯାଉଛି। ଖବର ପାଇ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ ଜିଲା ବନ ଅଧିକାରୀ ଦୁର୍ଗାଚରଣ ସାହୁ ଘଟଣା ସ୍ଥଳରେ ପହଞ୍ଚିଥିଲେ। ବନ ବିଭାଗ ପକ୍ଷରୁ ବାଘ ଦେଖାଯାଇଥିବା ନିକଟବର୍ତ୍ତୀ ଗ୍ରାମର ଜନସାଧାରଣଙ୍କୁ ସଚେତନ କରାଯାଇଛି।

## ଅପହୃତା ନାବାଳିକା ଉଦ୍ଧାର : ଅଭିଯୁକ୍ତ ଗିରଫ

ସାଲେପୁର, ୮।୫(ଡି.ଏନ୍.ଏ.)

ସାଲେପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଏପ୍ରିଲ ୧୮ରେ ଅପହରଣ କରାଯାଇଥିଲା।ଏନେଇ ଥାନାରେ ମାମଲା (ନଂ.୭୮/୨୧) ରୁଜୁ ହୋଇଥିଲା। ସମ୍ପୃକ୍ତ ନାବାଳିକାଙ୍କୁ ଶୁକ୍ରବାର ଭୁବନେଶ୍ୱରର ତୃନକାଳି ବସ୍ତିରୁ ସାଲେପୁର ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ କ୍ଷୀରୋଦ ସାହୁ ନାମକ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅରୁପା



@ ଦେବ



@ ସୋମେଶ



@ ଶଶିକାନ୍ତ



@ ଶ୍ରୀନିବାସ



@ ଲକ୍ଷ୍ମୀଧର



@ ନିରଞ୍ଜନ

## ଚୋରି ଅଳଙ୍କାର ଜବତ

ଚୌଦ୍ୱାର,୮।୫(ଡି.ଏନ.ଏ.)

ଚୌଦ୍ୱାର ଥାନା ଅଞ୍ଚଳରେ ଥିବା ଏକାଧିକ ମନ୍ଦିରରୁ ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ପେଣ୍ଠା ଗ୍ରାମର ବିପ୍ରକେଶରୀ ସାମନ୍ତରାୟ । ତାଙ୍କଠାରୁ ଗୋଟିଏ ସୁନା ମଙ୍ଗଳସୂତ୍ର, ୫ ଚାନ୍ଦି ମୁକୁଟ, ଚାନ୍ଦି ହାର, ଚାନ୍ଦି ଅଣ୍ଟାବିଛା, ୨ ହଳ କାନଫୁଲ, ୩ ପିତଳ ଥାଳି, ୩ ପିତଳ କଳସ, ଦୁଇଟି କଂଶା ଗ୍ଲାସ ଓ ଦୁଇଟି ପିତଳ ଥାଳିଆ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ନଭେମ୍ବର ୧୮ରେ ଚୌଦ୍ୱାର ଥର୍ମାଲ ରୋଡ୍‌ସ୍ଥିତ ଦକ୍ଷୀଣେଶ୍ୱର କାଳୀ ମନ୍ଦିରରୁ ମା'ଙ୍କ ଅଳଙ୍କାର, ବାସନ ଓ ହୁଣ୍ଡି ଚୋରି ହୋଇଥିଲା। ଏ ନେଇ ମନ୍ଦିର ପରିଚାଳନା କମିଟି ସଦସ୍ୟ ବିଜୟ କୁମାର ମହାନ୍ତି ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.ନଂ ୫୫୫/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ବିପ୍ର ଏପ୍ରିଲ ୧୪ ତାରିଖରେ କଟକ ପୁରୀଘାଟ ଥାନାରେ ରୁଜୁ ହୋଇଥିବା ଏକ ମାମଲା(ନଂ.୮୦/୨୧)ରେ କୋର୍ଟ ଚାଲାଣ ହେଇଥିଲା। ଖବରପାଇ ଚୌଦ୍ୱାର ପୋଲିସ ବିପ୍ରଙ୍କୁ ଗତ ୭ ତାରିଖରେ ରିମାଣ୍ଡରେ ଆଣି ଜେରା କରିଥିଲା। ଜେରାବେଳେ ବିପ୍ର ଚୌଦ୍ୱାର ଅଞ୍ଚଳର

### ଅଭିଯୁକ୍ତ ଗିରଫ



ଜବତ ଚୋରି ସାମଗ୍ରୀ।

ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ଓ ବ୍ୟାଘ୍ରବାହିନୀ ମନ୍ଦିରରୁ ଉପରୋକ୍ତ ସାମଗ୍ରୀ ଚୋରି କରିଥିବା ସ୍ୱୀକାର କରିଥିଲେ। ବିପ୍ରଙ୍କ ନାଁରେ କଟକ ଓ ପାରାଦୀପ ଥାନାରେ ବହୁ ମାମଲା ରହିଥିବା ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି।

## ଛପର ଉଡ଼ିଲା, ଗଛ ଉପୁଡ଼ିଲା

### କାଳବୈଶାଖୀ ପ୍ରଭାବ

■ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ
■ପରିବା କିଆରିରେ ପାଣି

ନିଆଳି, ୮।୫(ଡି.ଏନ.ଏ.)

ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ନିଆଳି ବ୍ଲକ ଅନ୍ତର୍ଗତ ଏକବେରୁଆଁ ପଞ୍ଚାୟତର ଏକବେରୁଆଁ, ସୁଦାନଗର, ମଇଷିଆ ଗୋଠ, ନାଟି, କାଳଖ ଗ୍ରାମରେ ବ୍ୟାପକ କ୍ଷତି ହୋଇଛି। ବହୁସଂଖ୍ୟାରେ ଗଛ ଭାଙ୍ଗି ରାସ୍ତା ଉପରେ ପଡିଥିବାରୁ ଯାତାୟାତରେ ସମସ୍ୟା ହୋଇଛି। ସେହିପରି ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି। କେତେକ ଘରର ଛପର ଉଡିଯାଇଥିବାବେଳେ ପରିବା କିଆରିରେ ପାଣି ଜମି ରହିଛି। ସେହିପରି ସିଠାଳୋ ଓ ଶଗଡାଇଲୋ ପଞ୍ଚାୟତରେ କାଳବୈଶାଖୀ ପ୍ରଭାବରେ କେତେକ ଘରର ଛପର ଉଡିଯାଇଥିବାବେଳେ ବହୁମାତ୍ରାରେ କଦଳୀ, ସଜନା ଗଛ ଭାଙ୍ଗିଯାଇଛି। ଶଗଡାଇଲୋର ପ୍ରତାପ ମଲ୍ଲିକଙ୍କ ଘର ଉପରୁ ଟିଣ ଉଡି ଯାଇଥିବା ଦେଖିବାକୁ ମିଳିଛି। ବଜ୍ରପାତରେ ସୁଆଁଲୋ ଗ୍ରାମର ବିଜୟ ସାହାଣୀ ଓ ବସୁଦେବ ବେହେରାଙ୍କ ଘରର ଆଜବେଷ୍ଟସ୍ ଫାଟିଯାଇଛି। ଏପରି କି ଅନେକ ଲୋକଙ୍କ ବୈଦ୍ୟୁତିକ ଉପକରଣ ପୋଡିଯାଇଛି। କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସିଠାଳୋ ସରପଞ୍ଚ ଅନ୍ତର୍ଯ୍ୟାମୀ ବଡୁ, ଶଗଡାଇଲୋ ସରପଞ୍ଚ ଅନିରୁଦ୍ଧ ମଲ୍ଲିକ, ଏକବେରୁଆଁ ସରପଞ୍ଚ ଡଲି ମଲ୍ଲିକ, ପ୍ରଶାନ୍ତ ସ୍ୱାଇଁ, ସଂଗ୍ରାମ ବଡୁ ପ୍ରମୁଖ ଦାବି କରିଛନ୍ତି।



ରାସ୍ତାରେ ଉପୁଡି ପଡିଥିବା ଗଛ।

## ପୋଡ଼ିହୋଇ ମହିଳା ଗୁରୁତର

କଟକ ସଦର, ୮।୫ (ଡି.ଏନ.ଏ.)

କନ୍ଦରପୁର ଥାନା ଅଧୀନ ନିମେଇଶାପୁର ଗ୍ରାମର ରୀନା ସେଠୀ ନାମ୍ନୀ ମହିଳା ଶନିବାର ନିଆଁରେ ପୋଡି ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ପୋଡି ହେବାର କାରଣ ଅସ୍ପଷ୍ଟ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

## ଦାବି ପରେ ରାସ୍ତା ମରାମତି ହେଲା

ଚୌଦ୍ୱାର,୮।୫(ଡି.ଏନ.ଏ.)

ଚୌଦ୍ୱାର–ଚାରବାଟିଆ ରାସ୍ତାର କଳିଙ୍ଗ ଛକଠାରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିଲା। ଏହାକୁ ଦୃଷ୍ଟିରେ ରଖି ଶନିବାର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ବିଭାଗୀୟ ଅଧିକାରୀ ଓ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥା ସହିତ ଆଲୋଚନା କରିବା ସହ ୨ଦିନ ଭିତରେ ରାସ୍ତା ମରାମତି ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ। ପରେ ରାସ୍ତା ମରାମତି କାମ ଆରମ୍ଭ ହୋଇଥିଲା।



୦୮.୦୫.୨୦୨୧
୨,୭୬୫ ଟଙ୍କା

# ବାହାର ଚନ୍ଦନଯାତ୍ରା ନେଇ ଆଲୋଚନା

**ପୁରୀ ଅଫିସ,୮।୫**


ଜିଲାପାଳ ସମର୍ଥ ବର୍ମା ଭର୍ଚୁଆଲ୍ ମାଧ୍ୟମରେ ସେବାୟତ, ଅଧିକାରୀଙ୍କ ସହ ଆଲୋଚନାରତ।

**୧୧ରେ ଚୂଡ଼ାନ୍ତ ନିଷ୍ପତ୍ତି**
- ସୀମିତ ସେବାୟତରେ କରାଯିବ ନୀତିକାନ୍ତି
- ମହାରଣା, ଭୋଇ ସେବକଙ୍କୁ ନେଇ ହେବ ରଥକାମ

ଚଳିତ ମାସ ୧୫ ତାରିଖ ଅକ୍ଷୟତୃତୀୟା ଅବସରରେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ସହ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ବାହାର ଚନ୍ଦନ ଯାତ୍ରା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିନାହିଁ। ବାହାର ଚନ୍ଦନ ଯାତ୍ରା ଏବଂ କୋଭିଡ ସମ୍ପର୍କିତ ଏକ ବୈଠକ ଗତ ୬ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କମ୍‌ସଂଖ୍ୟକ ସେବାୟତଙ୍କୁ ନେଇ କଟକଣା ମଧ୍ୟରେ କିପରି ବାହାର ଚନ୍ଦନ ଯାତ୍ରା ହେବ ସେନେଇ ଆଲୋଚନା କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ ଅନୁଯାୟୀ ଶନିବାର ବାହାର ଚନ୍ଦନଯାତ୍ରା ଆୟୋଜନ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଛି। ଚଳିତବର୍ଷ କଟକଣା ଭିତରେ ସୀମିତ ସଂଖ୍ୟକ ସେବାୟତଙ୍କୁ ନେଇ ଚନ୍ଦନଯାତ୍ରା ଆୟୋଜନ ନେଇ ଆଲୋଚନା ହୋଇଥିଲା। ୧୫ରୁ ଆରମ୍ଭ ହେବାକୁ ଥିବା ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାରେ କେବଳ ମହାପ୍ରଭୁଙ୍କ ନୀତିକାନ୍ତି କରାଯିବ। ନୀତି ସହ ଜଡ଼ିତ ସର୍ବନିମ୍ନ ପାଳିଆ ସେବାୟତଙ୍କୁ ନେଇ ସମସ୍ତ ନିୟମ ଅନୁପାଳନ କରି ବାହାର ଚନ୍ଦନ ଯାତ୍ରା ହେବ। ସେହିପରି ଚନ୍ଦନ ଚକଡ଼ାରେ ସର୍ବାଧିକ ୧୦ଜଣ ସେବାୟତ ରହିବା ପାଇଁ ନିଷ୍ପତ୍ତି ହୋଇଛି। ସମସ୍ତ ସେବାୟତ କଟକଣା ମାନି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ନୀତି ସମ୍ପାଦନା ସହ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅପରପକ୍ଷେ ଅକ୍ଷୟତୃତୀୟାରେ ରଥଯାତ୍ରା ପାଇଁ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ରଥନିର୍ମାଣରେ ନିୟୋଜିତ ହେବାକୁ ଥିବା ସେବାୟତମାନେ କଟକଣା ଭିତରେ କାର୍ଯ୍ୟ କରିବେ। ଚଳିତବର୍ଷ ସୀମିତ ସଂଖ୍ୟକ ମହାରଣା, ଭୋଇ ସେବକଙ୍କୁ ନେଇ ରଥକାର୍ଯ୍ୟ ଅନୁଷ୍ଠିତ ହେବା ନେଇ ବୈଠକରେ ଆଲୋଚନା କରାଯାଇଛି। ଯେଉଁ ସେବକମାନେ ମହାପ୍ରଭୁଙ୍କ ନୀତିରେ ସାମିଲ ହେବେ ସେମାନଙ୍କର କିପରି କୋଭିଡ୍ ଟେଷ୍ଟ ଓ ଟିକାକରଣ କରାଯିବ ସେଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟି ରଖିଛି। କୋଭିଡ୍‌କୁ ଦୃଷ୍ଟିରେ ରଖି ନୀତିରେ ଜଡ଼ିତ ଥିବା ସେବାୟତମାନଙ୍କୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପାସ୍ ପ୍ରଦାନ କରାଯିବାର ବ୍ୟବସ୍ଥା ହେଉଥିବା ସୂଚନା ମିଳିଛି। ପୂର୍ବବର୍ଷ ଭଳି ଚଳିତବର୍ଷ ସେବକମାନେ କିପରି ସଙ୍ଗରୋଧରେ ରହି ରଥକାର୍ଯ୍ୟ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଉଛି। ତେବେ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ଛତିଶା ନିଯୋଗ ବୈଠକରେ ବାହାର ଚନ୍ଦନ ଯାତ୍ରା ଏବଂ ରଥ ନିର୍ମାଣ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ସହ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ଜେନା ସୂଚନା ଦେଇଛନ୍ତି। ବୈଠକରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ସମନ୍ୱୟ କମିଟିର ସଦସ୍ୟ ପ୍ରମୁଖ ସେବାୟତ ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ କରୋନା କାରଣରୁ ଗତବର୍ଷ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଶ୍ରୀମନ୍ଦର ଭିତର ବେଢ଼ା ପରିସରରେ ସମ୍ପନ୍ନ ହୋଇଥିବା ବେଳେ ରଥନିର୍ମାଣ ଅନୁକୂଳ ଶ୍ରୀମନ୍ଦିର ଆନନ୍ଦ ବଜାର ପରିସରରେ ହୋଇଥିଲା।

# ବୌଦ୍ଧରୁ ଆସିଲା ୭ମ ପର୍ଯ୍ୟାୟ ରଥକାଠ

**ପୁରୀ ଅଫିସ, ୮।୫**

ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଥିବାବେଳେ ପର୍ଯ୍ୟାୟକ୍ରମେ ରଥକାଠ ପହଞ୍ଚିଛି। ପୂର୍ବରୁ ନୟାଗଡ଼ ଓ ବୌଦ୍ଧ ବନଖଣ୍ଡରୁ ରଥକାଠ ଆସିଥିବାବେଳେ ଶନିବାର ବୌଦ୍ଧ ବନଖଣ୍ଡରୁ ସପ୍ତମ ପର୍ଯ୍ୟାୟରେ ଗୋଟିଏ ରଥକାଠ ବୋଝେଇ ଟ୍ରକ୍ ଆସି ପହଞ୍ଚିଛି। ସପ୍ତମ ପର୍ଯ୍ୟାୟରେ ଧଉରା କାଠ ୮ଖଣ୍ଡ ଆସିଛି। କାଠଗୁଡ଼ିକ ରଥର ଦଣ୍ଡା, ଅଖ ଏବଂ ଗୟଳ ନିର୍ମାଣରେ ବ୍ୟବହାର କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବବର୍ଷର ୬୯ ଖଣ୍ଡ କାଠ ବଳକା ରହିଛି। ତେଣୁ ବର୍ତ୍ତମାନ ୭୯୬ ଖଣ୍ଡ କାଠର ଆବଶ୍ୟକତା ରହିଛି। ତେବେ ଖପୁରିଆ କରତକଳକୁ ୫୦୯ ଖଣ୍ଡ କାଠ ପଠାଯାଇସାରିଛି। ଗତ ସରସ୍ୱତୀ ପୂଜା ଦିନ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୩ଟି କାଠକୁ ପାରମ୍ପରିକ ବିଧିରେ ପୂଜାର୍ଚ୍ଚନା କରାଯାଇଥିଲା। ଅକ୍ଷୟ ତୃତୀୟା ଦିନ ୩ ରଥ ନିର୍ମାଣର ଶୁଭାରମ୍ଭ ହେବାର ବିଧି ରହିଛି।

# ପାଖୁଡ଼ି କିଆରିରେ ଲାଗିଲା ନିଆଁ



**ନିମାପଡ଼ା,୮।୫(ଡି.ଏନ୍.ଏ.)**

ଚାରିଛକ ଫାଣ୍ଡି ତୁଳସୀପୁର ଅନ୍ତର୍ଗତ ପଞ୍ଚାୟତର ଉଇଁଚଗୋରିଡ଼ ଗ୍ରାମ ନିକଟରେ ଥିବା ପାଖୁଡ଼ି(ଇଙ୍କର) କିଆରିରେ ଶନିବାର ରାତିରେ ନିଆଁ ଲାଗିଯାଇଛି। ଏହି ଅଗ୍ନିକାଣ୍ଡରେ ପାଖୁଡ଼ି ଚାଷୀ ମଇନ ସାହୁ, ଭରତ ବାରିକ, ପାଣ୍ଡବ ସାହୁ, ଟୁକୁନା ବେହେରା, ହୁନା ସାହୁ, ସୁରୋଜ ଦାସ ପ୍ରମୁଖ ୯/୧୦ଜଣ ଚାଷୀଙ୍କର ପ୍ରାୟ ୨୦ ଏକର ଜମିରେ ଚାଷ ହୋଇଥିବା ପାଖୁଡ଼ି ପୋଡ଼ି ନଷ୍ଟ ହୋଇଯାଇଛି। ଜଳିଯାଇଥିବା ପାଖୁଡ଼ିର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି।

ତେବେ କେହି ଦୁର୍ବୃତ୍ତ ଏହି ପାଖୁଡ଼ି କିଆରିରେ ନିଆଁ ଲଗାଇ ଦେଇଥିବା କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ଚାଷୀ ଓ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଜମିବାଡ଼ିକୁ ନେଇ ମାରପିଟ: ୭ ଆହତ, ୯ ଅଟକ

**ଡେଲାଙ୍ଗ,୮।୫(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅଧୀନ ବରକେରା ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ୪ ଭାଇ ମଧ୍ୟରେ ମାରପିଟ ହୋଇଛି। ଏଥିରେ ଉଭୟ ପକ୍ଷରୁ ୭ଜଣ ଆହତ ହୋଇଛନ୍ତି। ଖବରପାଇ ପୋଲିସ ଗ୍ରାମରେ ପହଞ୍ଚି ୯ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଗୁରୁତର ଭାବେ ଆହତ ହୋଇଥିବା ଉମାଶଙ୍କର ପରିଡାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଛି। ଆହତ ଶରତ ପରିଡା, ଉଷାରାଣୀ ପରିଡା, ସରୋଜିନୀ ପରିଡା, ପ୍ରତାପ ପରିଡା, ଭଗବାନ ପରିଡା, ପ୍ରଦୀପ ପରିଡା, ଗୁଣ୍ଡୁରୀ ପରିଡା, ଲିଙ୍ଗରାଜ ପରିଡା, ମଞ୍ଜୁଲତା ପରିଡାଙ୍କୁ ଡେଲାଙ୍ଗ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଖବର ଲେଖାହେବା ବେଳକୁ କୌଣସି ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି।

### କଣାସରେ ୨୧ ପଜିଟିଭ ଚିହ୍ନଟ

**କଣାସ, ୮।୫ (ସ୍ୱ.ପ୍ର.):** ପୁରୀ ଜିଲାରେ ଗତ କିଛିଦିନ ହେବ ଦ୍ରୁତଗତିରେ କରୋନା ସଂକ୍ରମିତ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଶନିବାର କଣାସ ବ୍ଲକର ବିଭିନ୍ନ ଗ୍ରାମରୁ ୨୧ ପଜିଟିଭ ଚିହ୍ନଟ ହୋଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୂଚନା ମିଳିଛି। ଯୋଡାପଦର ୧, ନନ୍ଦିଗୋଡା ୧, କାଙ୍କପୁର ୧, ଦୋକନ୍ଦା ୧, ତେନ୍ତୁଳିମୂଳ ୧, ମାଙ୍କଗାଁ ୨, ବିରିତୋଇ ୧, ଜଙ୍କିଆ ୧, ଯାଗୁଲେଇପଦର ୧, କଣାସ ୧, ଭାଟପଡ଼ା ୨, ଗଡମାଟିଆପଡା ୧, ବାଙ୍କତଳ ୧, ବେଢାତଣ୍ଡିଳ ୧, ଅନ୍ତିରା ୧, ଢୋଲପାଟଣା ୧, ତ୍ରିଲୋଚନପୁର ୧, ନୂଆପଡ଼ା ଗ୍ରାମରୁ ୨ଜଣ ଆକ୍ରାନ୍ତ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ବ୍ଲକରେ ୨୮୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୪୨ଜଣ ସୁସ୍ଥ ହୋଇଛନ୍ତି। ଗଡସାହି ପଞ୍ଚାୟତରୁ ମାତ୍ର ଜଣେ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରଛନ୍ତି।

### ସରକାରୀ ସହାୟତା ଲୋଡ଼ିଲା ବ୍ୟବସାୟୀ ମହାସଂଘ

**ପୁରୀ ଅଫିସ, ୮।୫:** ସମ୍ପ୍ରତି କୋଭିଡ୍ ସମୟରେ ବେପାର ପ୍ରଭାବିତ ହେଉଥିବାରୁ ପୁରୀ ବଡଶଙ୍ଖସ୍ଥିତ ମା' ଶଙ୍ଖେଶ୍ୱରୀ ବ୍ୟବସାୟୀ ମହାସଂଘ ସରକାରୀ ସହାୟତା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ ଜଣାଇଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେ, ବଡଶଙ୍ଖଠାରୁ ଅବକାଶ ଛକ ପର୍ଯ୍ୟନ୍ତ ୫୪୫ ଜଣ ବ୍ୟବସାୟୀ ବେପାର କରିଆସୁଛନ୍ତି। ମାତ୍ର ସରକାରଙ୍କ ସାମାଜିକ ଦୂରତା ନିୟମ ଅନୁସାରେ ସମସ୍ତ ବ୍ୟବସାୟୀ ବ୍ୟବସାୟ କରିବା ପାଇଁ ଯଥେଷ୍ଟ ସ୍ଥାନ ନାହିଁ। ତେଣୁ ମହାସଂଘ ପକ୍ଷରୁ ଟ୍ରଲି ଓ ଠେଲାଗାଡ଼ିରେ ସହରରେ ବୁଲି ବେପାର କରିବାକୁ କୁହାଯାଇଥିଲା। ମାତ୍ର ୧୦୦ ଜଣ ବ୍ୟବସାୟ କରିପାରୁଛନ୍ତି। ଏହି ସମସ୍ୟାକୁ ହୃଦୟଙ୍ଗମ କରି ସରକାର ସମସ୍ତ ବ୍ୟବସାୟୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ମହାସଂଘ ସଭାପତି ହରିହର ପାଢ଼ୀ, ସମ୍ପାଦକ ପ୍ରମୋଦ କୁମାର ଜେନା, ଉପସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ନିରଞ୍ଜନ ମଙ୍ଗରାଜ ଏବଂ ସହସମ୍ପାଦକ ଜଗନ୍ନାଥ ଦାଶ ପ୍ରମୁଖ ନିବେଦନ କରିଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

**କଣାସ,୮।୫(ସ୍ୱ.ପ୍ର.)-** ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ସାହାସପୁର ଗ୍ରାମର ସାମାଜିକ କର୍ମୀ ଚକ୍ରଧର ସାମନ୍ତରାୟ (୭୬)ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ବୁଧବାର ବାସଗୃହରେ ଥିବାବେଳେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ଘୋଷଣା କରିଥିଲେ।



ମାତୃ ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ପ୍ରଶାସନ ପକ୍ଷରୁ ନିରାଶ୍ରୟଙ୍କୁ ଖାଦ୍ୟ ବଣ୍ଟନ

**ଡେଲାଙ୍ଗ/ଅସ୍ତରଙ୍ଗ/ସାକ୍ଷୀଗୋପାଳ/ପିପିଲି, ୮।୫ (ଡି.ଏନ୍.ଏ./ ସ୍ୱ.ପ୍ର.)**

ଡେଲାଙ୍ଗ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ଅଞ୍ଚଳରେ ଥିବା ଭିକାରି, ନିରାଶ୍ରୟ ଓ ମାନସିକ ବିକାରଗ୍ରସ୍ତଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି । ଲକଡାଉନ, ଶଟଡାଉନ ଯୋଗୁ ଏମାନେ ଖାଦ୍ୟ ନ ପାଇ ଉପାସରେ ରହୁଛନ୍ତି। ଏହି ପରିପ୍ରେକ୍ଷୀରେ ମହିଳା ମହାସଂଘଙ୍କୁ ଯୋଗାଯୋଗ କରି ରନ୍ଧାଖାଦ୍ୟ ଦେବା ପାଇଁ ଅନୁମତି ବିଡିଓ ଦେଇଥିଲେ। ସଂଘର ସମ୍ପାଦିକା ବାସନ୍ତୀ ସାହୁଙ୍କ ନେତୃତ୍ୱରେ ସଭାପତି ବିଦ୍ୟୁଲତା ସ୍ୱାଇଁ, ସ୍ୱର୍ଣ୍ଣମୟୀ ଜେନା, ସୁମିତ୍ରା ଦାସ, ପ୍ରତିମା ଦାସ ଓ ସ୍ଥାନୀୟ ଅଙ୍ଗନ୍ୱାଡ଼ିକର୍ମୀଙ୍କ ସହାୟତାରେ ରେଞ୍ଚ ଓ ଅଭୟମୁଖି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏହି ଅସହାୟଙ୍କୁ ରନ୍ଧାଖାଦ୍ୟ ଯୋଗାଇଦିଆ ଯାଇଛି । ସେହିଭଳି ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ ଓ ବିଡିଓ ବିନୋଦ ମଞ୍ଜରୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ଅସ୍ତରଙ୍ଗ ବଜାରରେ ଥିବା ୮ଜଣ ନିରାଶ୍ରୟଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ ସାମାଜିକ କର୍ମୀ ରାକେଶ ମହାନ୍ତି ଓ ମିଥୁନ ବେହେରା ସହଯୋଗ କରିଥିଲେ। ସେହିଭଳି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପଞ୍ଚାୟତସ୍ତରରେ ଥିବା ନିରାଶ୍ରୟଙ୍କୁ ଦିନକୁ ୨ଥର କିମ୍ବା ଶୁଖିଲା ଖାଦ୍ୟ ଯୋଗାଇଦେବର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୋଟିଏ ମିଲ ପିଛା ୪୦ ଟଙ୍କା ଏବଂ ଶିଶୁଙ୍କ ପାଇଁ ୨୪ ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସ୍ଥିର ହୋଇଛି ବୋଲି ବିଡିଓ କ୍ଷୀରୋଦ ବେହେରା କହିଛନ୍ତି।

# ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ତ୍ରୁଟି

**ପୁରୀ ଅଫିସ, ୮।୫**

ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଥିବା ପଞ୍ଜିକା ଦ୍ୱୟରେ ତ୍ରୁଟିଥିବା ଅଭିଯୋଗ କରି ଜ୍ୟୋତିର୍ବିଦ ତଥା ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର ଏବଂ ଦେବୀ ପ୍ରସାଦ ମିଶ୍ରଙ୍କ ପକ୍ଷରୁ ସ୍ଥାନୀୟ ଚନ୍ଦ୍ରଶେଖର ପାଠାଗାର ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ୨୦୨୧-୨୨ବର୍ଷ ପାଇଁ ମୁକ୍ତିମଣ୍ଡପ ପଣ୍ଡିତ ସଭା କୋହିନୁର ଓ ରାଧାରମଣ ପ୍ରେସ୍ ପ୍ରକାଶିତ ପଞ୍ଜିକା ଦ୍ୱୟକୁ ସ୍ୱୀକୃତି ଦେଇଛି । ଏହି ପ୍ରେସଦ୍ୱୟ ପଞ୍ଜିକା ପ୍ରକାଶ ପୂର୍ବରୁ ସଂକ୍ଷିପ୍ତ ପଞ୍ଜିକା ପ୍ରକାଶ କରି ଚଳିତବର୍ଷ ନଭେମ୍ବର ୧୫ରେ ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ ହେବ ବୋଲି ମିଥ୍ୟା ତଥ୍ୟ ଦେଇ ଓଡ଼ିଶାବାସୀ ଓ ଜଗନ୍ନାଥପ୍ରେମୀଙ୍କୁ ଭ୍ରମିତ କରାଇଥିଲେ। ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ଥିରୀକୃତ ପଞ୍ଜିକା ପ୍ରତି ରାଜ୍ୟବାସୀଙ୍କର ବିଶ୍ୱାସ ରହିଥାଏ । ମାତ୍ର ଗଣନାରେ ପ୍ରାୟ ସମାନତା ଥାଇ ପ୍ରକାଶିତ ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା, ଅସଲି ଖଡ଼ିରତ୍ନ ପଞ୍ଜିକା, ସାରଳା ପଞ୍ଜିକା ଓ ପଶ୍ଚିମ ଓଡ଼ିଶାରୁ ପ୍ରକାଶିତ ପରମେଶ୍ୱରୀ ପଞ୍ଜିକାଠାରୁ ଏହି ପଞ୍ଜିକା ଦ୍ୱୟର ଗଣନାରେ ବ୍ୟତିକ୍ରମ ସହ ପାରସ୍ପରିକ ଅମେଳ ମଧ୍ୟ ରହିଛି। ମୁଖ୍ୟତଃ ଜନସାଧାରଣ, ଜ୍ୟୋତିଷ, ପଞ୍ଜିକାର ଆଦି ଜନ୍ମଜାତକ ପ୍ରସ୍ତୁତି, ପୁଷ୍କରଦୋଷ, ଶ୍ରାଦ୍ଧ ଓ ସ୍ୱନକ୍ଷେତ୍ର ଦିବସ ଏବଂ ଶୁଭ ବେଳା ନିର୍ଣ୍ଣୟ, ଯୋଗିନୀ ସ୍ଥିତି ଜାଣିବା ପାଇଁ ପଞ୍ଜିକା ଅନୁସରଣ କରାଯାଏ । ସେଥିପାଇଁ ପଞ୍ଜିକା ପ୍ରଦତ୍ତ ପଞ୍ଚାଙ୍ଗ ରାଶି, ନକ୍ଷତ୍ର, ଯୋଗକରଣ ସହ ସମସ୍ତ ତଥ୍ୟ ଗ୍ରହଚଳନର ଦିନ ଓ ସମୟ ଠିକ୍ ରହିବା ଆବଶ୍ୟକ। ଏହାଦ୍ୱାରା ଧର୍ମଶାସ୍ତ୍ରୀୟ ବ୍ୟବସ୍ଥା ନିର୍ଭୁଲ ହୋଇଥାଏ। ମୁକ୍ତି ମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ପ୍ରତିବର୍ଷ ତ୍ରୁଟି ରହୁଛି । ପଣ୍ଡିତ ସଭାରେ କୌଣସି ଜ୍ୟୋତିର୍ବିଦ ନାହାନ୍ତି । ତେଣୁ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକା ବର୍ଜନ କରାଯିବା ଉଚିତ ବୋଲି ଜ୍ୟୋତିର୍ବିଦ ତଥା ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର ସମ୍ମିଳନୀରେ ମତପ୍ରକାଶ କରିଛନ୍ତି।

# ସହରରେ ବୁଲିବ ବାଇକ୍ କୋଭିଡ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍

**ପୁରୀ ଅଫିସ, ୮।୫**

ଲକ୍‌ଡାଉନ ଏବଂ ଶଟ୍‌ଡାଉନ ସମୟରେ ସରକାରଙ୍କ ନିୟମ ଉଲ୍ଲଂଘନ କରୁଥିବା ଅମାନିଆଙ୍କୁ ସାବାଡ୍ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ଏକ ଅଭିନବ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ଶଟ୍‌ଡାଉନ ଥିବାବେଳେ ପୁରୀର ସାହିଗଳି କନ୍ଦିରେ ପାଟ୍ରୋଲିଂ କରିବା ପାଇଁ ପୋଲିସ ପକ୍ଷରୁ ମୋଟରସାଇକେଲ(ବାଇକ୍) କୋଭିଡ୍ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ମୋଟରସାଇକେଲ ସ୍କ୍ୱାଡ୍ ସହରର ବିଭିନ୍ନ ସାହି ଗଳି କନ୍ଦି ବୁଲି ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିବା ସହ କୋଭିଡ୍ ଉଲ୍ଲଂଘନକାରୀଙ୍କ ଉପରେ ନଜର ରଖିବ। ପୁରୀ ସହରର ଅନେକ ସାହି ଅଣଓସାରିଆ ହୋଇଥିବାରୁ ପିସିଆର ଭ୍ୟାନ ଯାଇପାରୁ ନ ଥିଲା। ଫଳରେ ପ୍ରତି ସାହିରେ ଅମାନିଆମାନେ କୋଭିଡ୍ ନିୟମ ଉଲ୍ଲଂଘନ କରିବା ସହ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ତେଣୁ ଦୀର୍ଘଦିନ ହେବ ସହରବାସୀ ମୋଟରସାଇକେଲ ସ୍କ୍ୱାଡ୍ ପାଇଁ ପୋଲିସ ପ୍ରଶାସନକୁ ଅନୁରୋଧ କରିଥିଲେ। ଜନସାଧାରଣଙ୍କ ଅନୁରୋଧକୁ ରକ୍ଷା କରି ଶନିବାର ପୁରୀ ପୋଲିସ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୪ଟି ମୋଟରସାଇକେଲ କୋଭିଡ୍ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ କାର୍ଯ୍ୟ ଆରମ୍ଭ କରିଛି। ତେବେ ପୋଲିସ ପ୍ରଶାସନ ପକ୍ଷରୁ ଗଠନ କରାଯାଇଥିବା ମୋଟରସାଇକେଲ କୋଭିଡ୍ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ସହରବାସୀ ପ୍ରଶଂସା କରିଛନ୍ତି।

# ଅବକାରୀ ବିଭାଗ ଚଢ଼ାଉ, ୨ ଗିରଫ

**ପୁରୀ ଅଫିସ,୮।୫**

ପୁରୀ ଅବକାରୀ ବିଭାଗ ପକ୍ଷରୁ ଶନିବାର ପୁରୀ ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ନିଶାଦ୍ରବ୍ୟ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ଘୋଡାବଜାର ଅଞ୍ଚଳର ରୋଶନ ବିଶ୍ୱକର୍ମା ଏବଂ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ଅଞ୍ଚଳର ଟି. ଶ୍ରୀନୁ। ପୁରୀ ସହରର ଘୋଡ଼ାବଜାର ଏବଂ ପେଣ୍ଠକଟା ଅଞ୍ଚଳରେ ବେଆଇନ ଭାବରେ ନିଶାକାରବାର ହେଉଥିବା ଖବରପାଇ ପୁରୀ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଘୋଡାବଜାର ଅଞ୍ଚଳର ରୋଶନଙ୍କ ଘରେ ଚଢ଼ାଉ କରି ତାଙ୍କ ନିକଟରୁ ୩.୬୦୦ ଲିଟରର ଦେଶୀ ମଦ ଜବତ କରିଥିବା ବେଳେ ପେଣ୍ଠକଟା ଅଞ୍ଚଳରେ ଚଢାଉ କରି ଟି .ଶ୍ରୀନୁଙ୍କ ଠାରୁ ୮. ୬୪୦ ଲିଟର ବିଦେଶୀ ମଦ ଜବତ କରିଛି ।

# ଔଷଧ ଦୋକାନୀଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦାବି

**ପୁରୀ ଅଫିସ,୮।୫**

ପୁରୀ ଜିଲା ଔଷଧ ଦୋକାନ ସଂଘର ସଦସ୍ୟମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ପାଇଁ ଦାବି ଉଠୁଛି। ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ମହାପାତ୍ର କହିଛନ୍ତି, ସଂଘ ତରଫରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଓ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆମକୁ କରୋନା ଯୋଦ୍ଧା ମାନ୍ୟତା ମିଳିନାହିଁ। କରୋନା ରୋଗୀମାନେ ଡାକ୍ତରଙ୍କ ପରେ ଔଷଧ ଦୋକାନୀଙ୍କ ସଂସ୍ପର୍ଶରେ ଆସୁଛନ୍ତି। ଯାହାଦ୍ୱାରା ଔଷଧ ଦୋକାନୀମାନେ ସଂକ୍ରମଣର ଶିକାର ହେଉଛନ୍ତି। ଗତବର୍ଷ ୫୦ରୁ ଊର୍ଦ୍ଧ୍ୱ କେମିଷ୍ଟ କର୍ମଚାରୀଙ୍କର ମୃତ୍ୟୁ ହୋଇଛି। ଦ୍ୱିତୀୟ ଲହରରେ ମଧ୍ୟ ପାଖାପାଖି ୨୦ ଜଣଙ୍କର ମୃତ୍ୟୁ ହେଲାଣି। ଏଣୁ ସରକାର କୋଭିଡ୍ ଯୋଦ୍ଧା ଭାବେ ଔଷଧ ଦୋକାନୀଙ୍କ ମାନ୍ୟତା ଦିଅନ୍ତୁ ନଚେତ୍ ଔଷଧ ଦୋକାନ ବନ୍ଦ କରିବା ପାଇଁ ସଂଘ ବାଧ୍ୟ ହେବ ବୋଲି ସଂଘ ଜଣାଇଛି।


ମାତୃ ଦିବସ ଉପଲକ୍ଷେ ପୁରୀ ମିଶ୍ର ସାହିର ଶିଳ୍ପୀ ବିଶ୍ୱରୂପ ପଟ୍ଟନାୟକ ବର୍ଜ୍ୟ କାଗଜ ଦ୍ୱାରା ଶନିବାର ଏକ ଚିତ୍ରକଳା ପ୍ରସ୍ତୁତ କରିଛନ୍ତି।

# ଜିଲାରେ ବଢୁଛି ସଂକ୍ରମଣ ସଂଖ୍ୟା

**ପୁରୀ ଅଫିସ,୮।୫**

- ମେଶିନ ଖରାପ ଯୋଗୁ ମିଳୁନି ରିପୋର୍ଟ
- କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା

ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଥିବା ବେଳେ ପୁରୀ ଜିଲାରେ ମଧ୍ୟ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ଶୁକ୍ରବାର ଜିଲାରେ ଦୈନିକ ସଂକ୍ରମଣ ସଂଖ୍ୟା ୪୫୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରେ ପୁରୀ ସହରରୁ ୨୪୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ପୁରୀ ସଦରରୁ ୪୨, କଣାସରୁ ୩୫, ଅସ୍ତରଙ୍ଗରୁ ୨୫ ଓ ଗୋପରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ୪ ଜଣ ସଂକ୍ରମିତଙ୍କ ଶନିବାର ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ପୁରୀ ସହରରୁ ୩ ଜଣ ହୋଇଥିବା ବେଳେ ଜଣେ ପିପିଲିର ଅଟନ୍ତି। ଅନ୍ୟପଟେ ଜିଲାରେ ଆରଟି-ପିସିଆର୍ ଟେଷ୍ଟିଂ କମ୍ ହେଉଛି। ଟେଷ୍ଟିଂର ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ଦୈନିକ ୫ଶହ ଥିବାବେଳେ ଏବେ ୩ଶହକୁ ଖସି ଆସିଛି। ସେହିଭଳି ଗତ ୧୫ ଦିନ ମଧ୍ୟରେ ଆରଟି-ପିସିଆର୍ ମେଶିନ୍ ୨ଥର ଖରାପ ହେଲାଣି। ପ୍ରଥମ ଥର ଗତ ୨୩ ତାରିଖରେ ଖରାପ ହୋଇଥିଲା। ମେଶିନକୁ ସପ୍ତାହ ତଳେ ପୁଣିଥରେ ଚାଲୁ କରାଯିବା ପରେ ମେଶିନ ଦୁଇ ଦିନ କାର୍ଯ୍ୟ କରି ପୁଣି ଅକାମୀ ହୋଇଯାଇଥିଲା ଶନିବାର ଏହା ପୁଣି ଥରେ କାମ କରିବା ଆରମ୍ଭ କରିଛି। ମେଶିନ ଖରାପ ଯୋଗୁ କୋଭିଡ୍ ଟେଷ୍ଟ କରାଉଥିବା ଲୋକଙ୍କୁ ରିପୋର୍ଟ ମିଳିବାରେ ବିଳମ୍ବ ହେଉଛି। ଏପରିକି ମେ ୪, ୫, ୬ ଓ ୭ ତାରିଖରେ ଟେଷ୍ଟ କରାଇଥିବା ଲୋକଙ୍କୁ ରିପୋର୍ଟ ଏପର୍ଯ୍ୟନ୍ତ ମିଳିପାରି ନାହିଁ ବୋଲି କୋଭିଡ୍ ଟେଷ୍ଟିଂ ଦାୟିତ୍ୱରେ ଥିବା ଅଧିକାରୀ ଅଶୋକ କୁମାର ମହାନ୍ତି କହିଛନ୍ତି। ତେବେ ଟେଷ୍ଟିଂ ରିପୋର୍ଟ ମିଳିବାରେ ବିଳମ୍ବ ହେଉଥିବା ହେତୁ କୋଭିଡ୍ କଣ୍ଟ୍ରୋଲ୍ ରୁମ୍‌କୁ ଫୋନ୍ କଲ୍‌ର ମାତ୍ରା ବଢ଼ିଛି ଓ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

ଅନ୍ୟପକ୍ଷରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ କୋଭିଡ୍ ହସ୍ପିଟାଲ୍‌ରେ ମଧ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସଂକ୍ରମିତଙ୍କୁ ଯେଉଁ ପତ୍ରରେ ଖାଦ୍ୟ ଦିଆଯାଉଛି, ତାହା ହସ୍ପିଟାଲ୍ ପରିସରରେ ଏଣେତେଣେ ପଡ଼ିରହୁଛି। ଏହାଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା ବଢ଼ିଛି। ଏହି ଡାକ୍ତରଖାନା ପରିସରରେ କୋଭିଡ୍ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର(ଏସ୍‌ଓପି) ଖୋଲାଖୋଲି ଭାବେ ଉଲ୍ଲଂଘନ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ଫଳରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଏହି ଅଭିଯୋଗର ସତ୍ୟାସତ୍ୟକୁ ନେଇ ଖୁବଶୀଘ୍ର ଗୋପବନ୍ଧୁ କୋଭିଡ୍ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ଏଭଳି ଅନିୟମିତତା ସତ୍ୟ ହୋଇଥିଲେ, ଆଗାମୀ ସମୟରେ ସଯତ୍ନ ହେବା ପାଇଁ ପଦକ୍ଷେପ ନିଆଯିବ।

## ୨ ଲୁଟେରା ଗିରଫ: ମୋବାଇଲ, ବାଇକ୍ ଜବତ

ପିପିଲି, (ଡି.ଏନ୍.ଏ./ସ୍ୱ.ପ୍ର.): ପିପିଲି ପୋଲିସ ଶନିବାର ଦୁଇ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ କୋଣାର୍କ ବାଲିସାହି ଅଞ୍ଚଳର ମଣ୍ଟୁ ନାୟକ ଏବଂ ରାମଚଣ୍ଡୀ ଥାନା ଅଞ୍ଚଳର ସାଗର ରାଉତ। ଏମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ ଓ ବାଇକ୍ ଜବତ ହୋଇଛି। କଟକ ବାଙ୍କୀ ଅଞ୍ଚଳର ଦୀପ୍ତି ରଞ୍ଜନ ସାହୁଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୬ତାରିଖ ଅପରାହ୍ନ ୪ଟାରେ ପିପିଲିରୁ ଧଉଳି ଯାଉଥିବା ବେଳେ ସିଫା ନିକଟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କଠାରୁ ମୋବାଇଲ ଓ ଟାବଲେଟ ଛଡ଼ାଇ ନେଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୮/୨୧)ରୁଜୁ ହୋଇଥିଲା।

**ସଂକ୍ଷେପରେ**

## ୧୦ହଜାର ଛୁଇଁଲା ପଜିଟିଭ୍

**ଖୋର୍ଦ୍ଧା ଅଫିସ, ୮।୫:** ଖୋର୍ଦ୍ଧା ଉପଖଣ୍ଡରେ ଶନିବାର ୬୨୪ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୯୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ଉପଖଣ୍ଡରେ ଶନିବାର ସୁଦ୍ଧା ୨୦,୯,୯୦୭ ନମୁନା ସଂଗ୍ରହ କରାଯାଇଛି। ତନ୍ମଧ୍ୟରୁ ୧୦ହଜାର ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୯,୨୮୭ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୬୬୨ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ସେଥିରୁ ୫୯୫ ଘରୋଇ ସଙ୍ଗରୋଧ ଏବଂ ୬୭ଜଣ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଥିବା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

## ଗଳିରେ ଚାଲିଛି ଗୁଟ୍‌ଖା ବେପାର

**ନିରାକାରପୁର,୮।୫(ଡି.ଏନ୍.ଏ.):** କରୋନା ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ୍ ଓ ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରି ରହିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଛି। ଏହି ସୁଯୋଗରେ କେତେଜଣ ଅସାଧୁ ବ୍ୟବସାୟୀ ବେଆଇନ ଭାବେ ଟ୍ରକ୍‌ରେ ଗୁଟ୍‌ଖା ଆଣି ଘରେ ଓ ଗୋଦାମରେ ରଖି ଗ୍ରାମାଞ୍ଚଳର ଦୋକାନୀଙ୍କୁ ଉଚ୍ଚା ଦରରେ ବିକ୍ରି କରୁଛନ୍ତି। ପରେ ଗ୍ରାମାଞ୍ଚଳ ଦୋକାନୀମାନେ ମନଇଚ୍ଛା ଦରରେ ବିକ୍ରି କରୁଥିବା ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ଏହାକୁ ରୋକା ନ ଗଲେ ଗ୍ରାମରେ ରହୁଥିବା ଅନେକ ଯୁବକ ଆଗାମୀ ଦିନରେ ପଥ ଭ୍ରଷ୍ଟ ହେବା ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଡ୍ରାଇଭରଙ୍କୁ ଚାପିଦେଲା କଣ୍ଟେନର

**ଭୁବନେଶ୍ୱର,୮।୫(ବ୍ୟୁରୋ):** ୧୬ନଂ. ଜାତୀୟ ରାଜପଥରେ ଏକ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା କଣ୍ଟେନରଟି ଟ୍ରେଲର କ୍ୟାବିନ ଉପରକୁ ଚଢ଼ିଯାଇଛି। ଫଳରେ କଣ୍ଟେନରରେ ଚାପିହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଟ୍ରେଲର ହେଲ୍‌ପର ଗୁରୁତର ହୋଇଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡ ଜାମଶେଦପୁରର ସନ୍ତୋଷ କୁମାର ଯାଦବ (୪୦) ଏବଂ ଗୁରୁତର ହେଲ୍‌ପର ହେଉଛନ୍ତି ଝାଡ଼ଖଣ୍ଡର ଶିଶିର କୁମାର। ପୋଲିସ ସନ୍ତୋଷଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ତଦନ୍ତ ଜାରି ରହିଛି ବୋଲି ଖଣ୍ଡଗିରି ପୋଲିସ କହିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୩ଟାରେ ଏକ ଟ୍ରେଲର ଲୁହା କଣ୍ଟେନର ବୋଝେଇ କରି ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ୧୬ନଂ. ଜାତୀୟ ରାଜପଥର ଆଇଗିଣିଆ ଟ୍ରାଫିକ ଛକ ପାଖରେ ଥିବା ହମ୍ପସକୁ ଦେଖି ଡ୍ରାଇଭର ହଠାତ୍ ବ୍ରେକ ମାରିଥିଲେ। ଫଳରେ ଟ୍ରେଲର ଉପରେ ବୋଝେଇ ହୋଇଥିବା କଣ୍ଟେନର ଲକ ବେଲ୍ଟ ଛିଣ୍ଡି ଯାଇଥିଲା। କଣ୍ଟେନରଟି ଟ୍ରେଲର କ୍ୟାବିନ ଉପରେ ଚାପି ହୋଇଯାଇଥିଲା। ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ୩ଟି କ୍ରେନ ଦ୍ୱାରା ଉଦ୍ଧାର କାର୍ଯ୍ୟ କରିଥିଲେ। ତେବେ ସେତେବେଳକୁ ଡ୍ରାଇଭରଙ୍କ ମୃତ୍ୟୁ ହୋଇସାରିଥିଲା। ଗୁରୁତର ଅବସ୍ଥାରେ ହେଲପରକୁ ଏମ୍ସ ଡାକ୍ତରଖାନାକୁ ପଠାଯାଇଥିଲା। ଦୁର୍ଘଟଣା ଯୋଗୁ ରାଜପଥ ପ୍ରାୟ ୫ ଘଣ୍ଟା ଧରି ଜାମ୍ ହୋଇଥିଲା। ଖଣ୍ଡଗିରି ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# କୋଭିଡ୍ ମୃତଦେହ ସତ୍କାର ନେଇ ଉତ୍ତେଜନା

- ଗାଁ ଶ୍ମଶାନକୁ ସତ୍କାର ପାଇଁ ଆସିଥିଲା
- ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଗୋଟିଏ ଦିନର ଅନୁମତି ମିଳିଲା
- ଅସ୍ଥାୟୀ କୋଭିଡ୍ ଶ୍ମଶାନ ପାଇଁ ଦାବି

**ଖୋର୍ଦ୍ଧା ଅଫିସ, ୮।୫**

ଖୋର୍ଦ୍ଧା ଉପକଣ୍ଠ ବରୁଣେଇ ରାସ୍ତାରେ ରହିଥିବା ଏକ ଶ୍ମଶାନରେ କୋଭିଡ୍ ରୋଗୀଙ୍କ ମୃତଦେହ ସତ୍କାର ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ଶ୍ମଶାନ ନିକଟରେ ରହିଥିବା ଗ୍ରାମବାସୀଙ୍କ ବିରୋଧ ପରେ ଆମ୍ବୁଲାନ୍ସରେ ଆସିଥିବା କର୍ମଚାରୀମାନେ ମୃତଦେହ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଫେରିଯାଇଥିଲେ।

ସୂଚନା ମୁତାବକ, ବୋଲଗଡ଼ ଅଞ୍ଚଳରେ ଘରୋଇ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ଜଣେ କୋଭିଡ୍ ରୋଗୀ ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମେଡିକାଲ କର୍ତ୍ତୃପକ୍ଷ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ପରେ ଆମ୍ବୁଲାନ୍ସରେ ମୃତଦେହ ଜେମାଦେଈ ମୌଜାର ଶିଙ୍କାଞ୍ଚଳରେ ରହିଥିବା ଶ୍ମଶାନକୁ ନେଇଥିଲେ। ଆମ୍ବୁଲାନ୍ସରେ ଥିବା କର୍ମଚାରୀମାନେ ପିପିଇ କିଟ୍ ପିନ୍ଧିଥିବା ଦେଖି ଉକ୍ତ ରାସ୍ତା ଦେଇ ଯାଉଥିବା କେତେଜଣ ବ୍ୟକ୍ତି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ମୃତଦେହ ସତ୍କାରକୁ ବିରୋଧ କରିବା ସହ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ ପ୍ରମୁଖ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ଟିମ୍ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଗ୍ରାମବାସୀଙ୍କ ବିନା ଅଗୋଚରରେ ଜିଲା ପ୍ରଶାସନ ପକ୍ଷରୁ କାହିଁକି ଏଠାରେ କୋଭିଡ୍ ରୋଗୀଙ୍କ ମୃତଦେହକୁ ପୋଡ଼ାଯିବାକୁ ଅନୁମତି ଦିଆଯାଇଛି ବୋଲି ଗ୍ରାମବାସୀ କହିଥିଲେ। ମୃତଦେହ ପୋଡାଯିବା ପରେ ଏହାକୁ ବିଶୋଧନ କରା ନ ଗଲେ, କରୋନା ବ୍ୟାପିବା ଆଶଙ୍କା ରହିଛି। ଏଠାରେ କୋଭିଡ୍ ଶ୍ମଶାନ ନ କରିବାକୁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଥିଲେ। ପରେ ଜିଲା ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଗ୍ରାମବାସୀ ଗୋଟିଏ ଦିନ ଲାଗି ସତ୍କାର ପାଇଁ ଅନୁମତି ଦେଇଥିଲେ। ଅନ୍ୟପକ୍ଷେ ଗ୍ରାମବାସୀ ଏହି ଶ୍ମଶାନ ଚାରିପଟେ ପାଚେରି ନିର୍ମାଣ କରିଛନ୍ତି। ଉକ୍ତ ଶ୍ମଶାନରେ ପୂର୍ବରୁ ମଧ୍ୟ ଦୁଇଜଣ କୋଭିଡ୍ ରୋଗୀଙ୍କ ମୃତଦେହ ପୋଡ଼ାଯାଇଥିବା କେତେଜଣ ଗ୍ରାମବାସୀ କହିଛନ୍ତି। ସହରରେ ଏକାଧିକ ସରକାରୀ ଜାଗା ରହିଛି। ସେଠାରେ ଅସ୍ଥାୟୀ କୋଭିଡ୍ ଶ୍ମଶାନ ଲାଗି ସାଧାରଣରେ ଦାବି ହୋଇଛି।



ସପ୍ତାହାନ୍ତ ଶଟ୍‌ଡାଉନ୍ ପାଇଁ ଶନିବାର ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ରୋଡ୍ ଶୂନ୍‌ଶାନ ରହିଛି।

## ଶଟ୍‌ଡାଉନ୍: ଗାଁରେ ବୁଲି ସଚେତନ କଲେ

**ଖୋର୍ଦ୍ଧା ଅଫିସ,୮।୫**

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରି ରହିଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ସହରଠାରୁ ଗ୍ରାମ ପର୍ଯ୍ୟନ୍ତ ସବୁଠି ଶୂନଶାନ ରହିଛି। ଶନିବାର ଖୋର୍ଦ୍ଧା ସହର ରାସ୍ତାଘାଟ ଜନଶୂନ୍ୟ ରହିଥିଲା। ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦଦେଲେ ସମସ୍ତ ଦୋକାନରେ ତାଲା ଝୁଲୁଥିଲା। ମେଡିକାଲକୁ ନେଇ ଯାଉଥିବା ଗାଡ଼ି ଏବଂ ସେବାଭୁକ୍ତ କର୍ମଚାରୀଙ୍କୁ ବାଦ୍ ଦେଲେ ରାସ୍ତାରେ ଲୋକଙ୍କ ଯାତାୟାତ ବନ୍ଦ ରହିଛି। ସମସ୍ତ ଛକରେ ପୋଲିସ ପକ୍ଷରୁ ଚେକିଂ ଏବଂ ନାକାବନ୍ଦୀ କରାଯାଇଛି। ବିନା କାରଣରେ ବୁଲୁଥିବା ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ସେହିପରି ବ୍ଲକସ୍ତରରେ ବିଡିଓ, ତହସିଲଦାର, ପୋଲିସ ଏବଂ ଏନ୍‌ଫୋର୍ସମେଣ୍ଟ ଟିମ୍ ବୁଲି ଶଟ୍‌ଡାଉନ୍ ସମୟରେ ଘରେ ରହିବାକୁ ପରାମର୍ଶ ଦେଉଛନ୍ତି। ଶନିବାର ଚିଲିକା, ବାଣପୁର, ଟାଙ୍ଗୀ ଅଞ୍ଚଳରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ଗ୍ରାମାଞ୍ଚଳ ବୁଲି ଲୋକଙ୍କୁ ସଚେତନ କରିଥିବା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

## ୨୪ଘଣ୍ଟାରେ ୫୦ ପଜିଟିଭ୍ ଚିହ୍ନଟ

**ଖୋର୍ଦ୍ଧା ଅଫିସ,୮।୫**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କୋଭିଡ୍ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଗ୍ରାମାଞ୍ଚଳରେ ୨୪ଘଣ୍ଟାରେ ୫୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ବାଲିଅନ୍ତା ବ୍ଲକର ୭, ବାଲିପାଟଣା ୧, ଭୁବନେଶ୍ୱର ବ୍ଲକ ୯, ଜଟଣୀ ୫, ଖୋର୍ଦ୍ଧା ୬, ବେଗୁନିଆ ୪, ବୋଲଗଡ଼ ୪, ଟାଙ୍ଗୀ ୧୦, ଚିଲିକାରୁ ୪ଜଣ ରହିଥିବାବେଳେ ବାଣପୁର ବ୍ଲକ ଏବଂ ସହରରୁ କେହି ସଂକ୍ରମଣ ନ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ଶନିବାର ସୁଦ୍ଧା ୩,୧୯,୭୭୦ ନମୁନା ସଂଗ୍ରହ କରାଯାଇଛି। ତନ୍ମଧ୍ୟରୁ ୧୫,୯୬୦ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୪,୮୬୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦୪୧ ସକ୍ରିୟ ସଂକ୍ରମିତ ରହିଛନ୍ତି। ଜିଲାରେ ଟିକାକରଣ ଜାରି ରହିଛି। ଦୁଇଟି କେନ୍ଦ୍ରରେ ୧୬୮ଜଣଙ୍କୁ ଟିକା ଦିଆଯାଇଛି।

## ଡ୍ରୋନ୍ ନଜରରେ ଅଜଗର

- ଶହେ ମିଟର ପରିଧିକୁ ନିଷିଦ୍ଧାଞ୍ଚଳ ଘୋଷଣା
- ଖାଦ୍ୟ, ପାଣିର ବ୍ୟବସ୍ଥା କରାଯାଇଛି



**ଖୋର୍ଦ୍ଧା ଅଫିସ,୮।୫**

ଚନ୍ଦକା ବନଖଣ୍ଡ ହଳଦିଆ ବନାଞ୍ଚଳ ଅଧୀନ ଖୋର୍ଦ୍ଧା ଜିଲା ମଲ୍ଲୀପୁର ପଞ୍ଚାୟତର ଗଡ଼ନିଆଳ ଗାଁ ପାଖ ଜଙ୍ଗଲରେ ଗର୍ଭବତୀ ଅଜଗର ସାପକୁ ଗ୍ରାମବାସୀ ଏବଂ ବନ ବିଭାଗ ସୁରକ୍ଷା ଦେଉଛନ୍ତି। କରୋନା ସମୟରେ ଗ୍ରାମବାସୀଙ୍କ ଏହି ପଦକ୍ଷେପକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଅନ୍ୟପଟେ ଡ୍ରୋନ ଦ୍ୱାରା ଅଜଗରର ଗତିବିଧି ଉପରେ ନଜର ରଖାଯାଇଛି। ଜଙ୍ଗଲରେ କେହି ପ୍ରବେଶ କଲେ, ଅଜଗର ସ୍ଥାନ ଛାଡିଯିବାର ଆଶଙ୍କା ରହିଛି। ତେଣୁ ଅଜଗର ରହୁଥିବା ଅଞ୍ଚଳର ଶହେ ମିଟର ପରିଧିକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଅଜଗର ସ୍ଥିତି କ'ଣ ରହିଛି, ସେ ସମ୍ପର୍କରେ ତଥ୍ୟ ହାସଲ ଲାଗି ଡ୍ରୋନର ସାହାଯ୍ୟ ନିଆଯାଇଛି ବୋଲି ହଳଦିଆ ରେଞ୍ଜର ଜୟକୃଷ୍ଣ ପଣ୍ଡା କହିଛନ୍ତି। ରେଞ୍ଜର ପଣ୍ଡା ଆହୁରି କହିଛନ୍ତି ଯେ, ଏକ ୫ଜଣିଆ ଟିମ୍ ୨୪ଘଣ୍ଟିଆ ସୁରକ୍ଷା ଦେଉଛନ୍ତି। ସାପ ପାଇଁ ଖାଦ୍ୟ ଏବଂ ନନ୍ଦରେ ପାଣିର ବ୍ୟବସ୍ଥା କରାଯାଇଛି। ସାଧାରଣତଃ ସାପ ମାର୍ଚ୍ଚଠାରୁ ଜୁନ ମାସ ମଧ୍ୟରେ ଶହେରୁ ଊର୍ଦ୍ଧ୍ୱ ଅଣ୍ଡାଦାନ କରିଥାଏ। ଅଣ୍ଡା ଫୁଟିବା ପର୍ଯ୍ୟନ୍ତ ସେ କୁଆଡେ ଯାଇ ନ ଥାଏ। ଶିକାର ପାଇଁ ଗଲେ, ବନ୍ୟଜନ୍ତୁ ଅଣ୍ଡା ଖାଇଯିବାର ଆଶଙ୍କାରେ ଅଜଗର ମେଲିବାନ୍ଧି ଅଣ୍ଡାକୁ ସୁରକ୍ଷା ଦେଇଥାଏ। ଅଜଗର ଉପରେ ସମ୍ପୂର୍ଣ୍ଣ ନଜର ରହିଛି ବୋଲି ସେ କହିଛନ୍ତି। ଚନ୍ଦକା ଡିଏଫ୍‌ଓ କେଦାରନାଥ ସ୍ୱାଇଁ କହିଛନ୍ତି, ଅଜଗରର ଅଣ୍ଡା ଦାନରେ ଯେପରି କୌଣସି ସମସ୍ୟା ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ସାଧାରଣତଃ କୌଣସି ବିଷଧର ସାପକୁ ଦେଖିଲେ, ଲୋକେ ଭୟଭୀତ ହୋଇଥାନ୍ତି। ଆକ୍ରମଣ ମଧ୍ୟ କରିଥାନ୍ତି। ତେବେ ଏଠାରେ ନିଆରା ପରମ୍ପରା ସୃଷ୍ଟି ହୋଇଛି। ସାପକୁ ସୁରକ୍ଷା ଲାଗି ଆଗେଇ ଆସିଛନ୍ତି ଗ୍ରାମବାସୀ। ଅଜଗରର ଅଣ୍ଡା ଫୁଟିବା ପରେ ଏହି ଅଭିଯାନ ସଫଳ ହେବ। ସମାଜକୁ ଗ୍ରାମବାସୀ ମାନବିକତାର ପରିଚୟ ଦେଇଛନ୍ତି। ଏକ ନିଆରା ପରମ୍ପରା ସୃଷ୍ଟି ହେବାକୁ ଯାଉଛି ବୋଲି ସେ କହିଛନ୍ତି।

## ବ୍ଲକସ୍ତରୀୟ ଖବରଦାତାଙ୍କୁ ଟିକାକରଣ ଦାବି

**ବାଲୁଗାଁ,୮।୫(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ ଖବରଦାତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଟିକାକରଣ ଜାରି ରହିଛି। ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଜିଲାସ୍ତରୀୟ ଖବରଦାତାଙ୍କୁ ଟିକା ଦିଆଯାଉଥିବା ବେଳେ ଖୋର୍ଦ୍ଧା ଜିଲାର ବ୍ଲକସ୍ତରୀୟ ଖବରଦାତାମାନେ ଏହି ଟିକାକରଣରୁ ବଞ୍ଚିତ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଚିଲିକା ବ୍ଲକରେ କାର୍ଯ୍ୟରତ ସମସ୍ତ ଖବରଦାତାଙ୍କୁ ତୁରନ୍ତ ଟିକାକରଣର ବ୍ୟବସ୍ଥା କରାଯିବା ନେଇ ଦାବି ହୋଇଛି। ଅନ୍ୟପକ୍ଷେ ବ୍ଲକସ୍ତରରେ ଆୟୋଜିତ ଟିକାକରଣ ସମୟରେ ବ୍ଲକ ସ୍ତରୀୟ ଖବରଦାତାଙ୍କୁ ଟିକାଦେବା ବ୍ୟବସ୍ଥା ହୋଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅରୂପା



@ ଦେବ



@ ସୋମେଶ



@ ଶଶିକାନ୍ତ



@ ଶ୍ରୀନିବାସ



@ ଲକ୍ଷ୍ମୀଧର



@ ନିରଞ୍ଜନ

## ଚନ୍ଦକା ଜଙ୍ଗଲରେ ଅସୁରକ୍ଷିତ ବନ୍ୟଜନ୍ତୁ

**ଖୋର୍ଦ୍ଧା ଅଫିସ,୮।୫**

ଚନ୍ଦକା ଜଙ୍ଗଲରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ହରିଣ, ଶହେରୁ ଊର୍ଦ୍ଧ୍ୱ ମୟୂର ସମେତ ବହୁ ବନ୍ୟଜନ୍ତୁ ରହୁଛନ୍ତି। ପ୍ରାକୃତିକ ଔଷଧୀୟ ଗୁଳ୍ମ ଏବଂ ଗଛଲତାରେ ଭରପୂର ଥିବା ଏହି ଜଙ୍ଗଲ ପଦା ହେବାରେ ଲାଗିଛି। କାଠ ଚୋରମାନେ ଦୈନିକ ଶହଶହ ଗଛ କାଟୁଛନ୍ତି। ଫଳରେ ଜଙ୍ଗଲରେ ତୃଣଭୋଜୀ ପ୍ରାଣୀଙ୍କ ଖାଦ୍ୟାଭାବ ଦେଖାଦେଇଛି। ବନ୍ୟଜନ୍ତୁମାନେ ଖାଦ୍ୟ ଲାଳସାରେ ପଡ଼ି ଗାଁ ମୁହାଁ ହେଉଛନ୍ତି। ଜଙ୍ଗଲ ରାସ୍ତା ଦେଇ ଗାଁରେ ପ୍ରବେଶ ବେଳେ ହିଂସ୍ରଜନ୍ତୁଙ୍କ ହାବୁଡ଼ରେ ପଡ଼ି ମୃତ୍ୟୁବରଣ କରୁଥିବା ନଜିର ରହିଛି। ଚନ୍ଦକା ଜଙ୍ଗଲରେ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡିଛନ୍ତି। ଏନେଇ ହଳଦିଆ ରେଞ୍ଜର ଜୟକୃଷ୍ଣ ପଣ୍ଡା କହିଛନ୍ତି, ଜଙ୍ଗଲରେ ପର୍ଯ୍ୟାପ୍ତ ମାତ୍ରାରେ ତୃଣ ଜାତୀୟ ଗୁଳ୍ମ ରହିଛି। ଖାଦ୍ୟାଭାବର କୌଣସି ସମସ୍ୟା ନାହିଁ। ବେଳେ ବେଳେ କେତେକ ହରିଣ ଗୋଠଛଡ଼ା ହୋଇ ଗାଁ ଅଭିମୁଖେ ଚାଲି ଆସୁଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି।

## ଆହତ ହରିଣ ଉଦ୍ଧାର



**ଖୋର୍ଦ୍ଧା ଅଫିସ,୮।୫**

ଚନ୍ଦକା ବନଖଣ୍ଡ ହଳଦିଆ ବନାଞ୍ଚଳ ଅନ୍ତର୍ଗତ ମହୁଲ ଗ୍ରାମରୁ ଶନିବାର ଆହତ ଅବସ୍ଥାରେ ଏକ ହରିଣ(ପୁରୁଷ)କୁ ଉଦ୍ଧାର କରାଯାଇଛି। ଚିକିତ୍ସା କରାଯାଇ ସୁସ୍ଥ ହେବା ପରେ ହରିଣକୁ ଜଙ୍ଗଲରେ ଛଡ଼ାଯିବ ବୋଲି ହଳଦିଆ ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା କହିଛନ୍ତି। ସୂଚନା ମୁତାବକ, ଶନିବାର ସକାଳେ ଜଙ୍ଗଲ ରାସ୍ତାରେ ଏକ ହରିଣ ଆହତ ଅବସ୍ଥାରେ ପଡିଥିବା କେତେଜଣ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ ଅଧିକାରୀ ପଣ୍ଡା ଟିମ୍ ସହ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଏକ ଡାଲା ଅଟୋରେ ଖୋର୍ଦ୍ଧା ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ହରିଣକୁ ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଛନ୍ତି। ହରିଣର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। କୁକୁର ଆକ୍ରମଣରେ ହରିଣ ଆହତ ହୋଇଥିବା ଅନୁମାନ କରାଯାଉଛି।

## ପ୍ରତି ବ୍ଲକରେ ମୋବାଇଲ ଟେଷ୍ଟିଂ ଭ୍ୟାନ ଯୋଜନା

**ଖୋର୍ଦ୍ଧା ଅଫିସ, ୮।୫**

କରୋନା ନିୟନ୍ତ୍ରଣ ଲାଗି ରାଜ୍ୟରେ ଟିକାକରଣ ଏବଂ ଟେଷ୍ଟିଂ ଜାରି ରହିଛି। ଖୋର୍ଦ୍ଧା ଜିଲାରେ ଏହାର ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଅଧିକ ଟିକାକରଣ ଏବଂ ଟେଷ୍ଟିଂ କେନ୍ଦ୍ର ଖୋଲିବାକୁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଜିଲା ହସ୍ପିଟାଲ ସମେତ ୧୦ଟି ସିଏଚ୍‌ସି କେନ୍ଦ୍ରରେ ଟେଷ୍ଟିଂ ଏବଂ ଟିକାକରଣ ଲାଗି ୩୫ଟି କେନ୍ଦ୍ର ରହିଛି। ଗ୍ରାମାଞ୍ଚଳରେ ଦୈନିକ ୧ହଜାର ଟେଷ୍ଟିଂ ବ୍ୟବସ୍ଥା ରହିଛି। ପ୍ରତି ସିଏଚ୍‌ସିରେ ଦୈନିକ ୧୦୦ ଟେଷ୍ଟିଂ କରାଯାଉଛି। ଏହାକୁ ଅଧିକ କରିବାକୁ ଜିଲାପାଳଙ୍କ ସହିତ ଆଲୋଚନା ହୋଇଛି। ଆଗକୁ ପ୍ରତି ବ୍ଲକସ୍ତରରେ ଗୋଟିଏ ଲେଖାଏ ମୋବାଇଲ ଟେଷ୍ଟିଂ ଭ୍ୟାନ୍ ବ୍ୟବସ୍ଥା କରାଯିବା ନେଇ ଯୋଜନା ରହିଛି ବୋଲି ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି।

### ଟେଷ୍ଟିଂ ଓ ଟିକାକରଣକୁ ଶୃଙ୍ଖଳିତ କରାଯାଉ

ସରକାର ଟିକାକରଣ ଏବଂ ଟେଷ୍ଟିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଜିଲା ପ୍ରଶାସନର ଅବହେଳାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲା ହସ୍ପିଟାଲକୁ ଟେଷ୍ଟିଂ ପାଇଁ ଆସୁଥିବା ଗର୍ଭବତୀ, ବରିଷ୍ଠ ନାଗରିକମାନେ ମଧ୍ୟ ଖରାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଲୋକଙ୍କ ମଧ୍ୟରେ ଦୂରତା ରହୁନାହିଁ। ଟେଷ୍ଟିଂ ଲାଗି ଲୋକେ ରାତି ୪ଟା ଠାରୁ ଅପେକ୍ଷା କରୁଛନ୍ତି। ଟେଷ୍ଟିଂ ଉପରେ ଗୁରୁତ୍ୱ ଦେବା ସହ ଟିକାକରଣକୁ ଶୃଙ୍ଖଳିତ କରାଯାଉ।

**–ରଞ୍ଜିତ ମହାପାତ୍ର, କଂଗ୍ରେସ ନେତା**

### ଟିକାକରଣ ନେଇ ସ୍ପଷ୍ଟ କରାଯାଉ

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସଂକ୍ରମଣ ବଢୁଛି, ସେହି ତୁଳନାରେ କଣ୍ଟାକ୍ଟ ଟ୍ରେସିଂ ଏବଂ ପରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଟିକାକରଣ ନେଇ ଜିଲା ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ କରାଯାଉନାହିଁ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଏବଂ ଗର୍ଭବତୀ ମହିଳାମାନେ ଟେଷ୍ଟିଂ ଲାଗି ଘଣ୍ଟା ଘଣ୍ଟା ଧରି ଠିଆ ହେଉଛନ୍ତି। ଏହା ବ୍ୟବସ୍ଥିତ ହେବା ଉଚିତ।

**–ଶୋଭନ ଘୋଷ, ଖୋର୍ଦ୍ଧା ସୁରକ୍ଷା ମଞ୍ଚ ଆବାହକ**

### ଟେଷ୍ଟିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

କୋଭିଡ୍ ଲକ୍ଷଣ ଦେଖାଗଲେ, ଟେଷ୍ଟିଂ କରିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ରହିଛି। ତେବେ ଟେଷ୍ଟିଂ କେନ୍ଦ୍ରରେ ଅବ୍ୟବସ୍ଥା କାରଣରୁ ଅଧିକାଂଶ ଟେଷ୍ଟିଂ କରିବାକୁ ଭୟ କରୁଛନ୍ତି। କୋଭିଡ ଟେଷ୍ଟ ଲାଗି ଆସୁଥିବା ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଆବଶ୍ୟକ। ଲକ୍ଷଣଯୁକ୍ତ ବ୍ୟକ୍ତି ଏବଂ କୌଣସି ସଂସ୍ଥାରେ ଯୋଗଦାନ ଲାଗି ଟେଷ୍ଟିଂ ଉପରେ ନିର୍ଭର ବ୍ୟକ୍ତି ଗୋଟିଏ ଲାଇନରେ ଠିଆ ହୋଇ କରୋନାକୁ ନିମନ୍ତ୍ରଣ କରୁଛନ୍ତି। ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।

**–ସତ୍ୟ ନାରାୟଣ ସାହୁ, ପାଇକ ଫାଉଣ୍ଡେଶନ ଆବାହକ**

### ସ୍ୱାସ୍ଥ୍ୟ ପରୀକ୍ଷାକୁ ଗୁରୁତ୍ୱ ଦିଆଯାଉ

ପ୍ରବାସୀମାନେ ଗାଁ ମୁହାଁ ହେବାରେ ଲାଗିଛନ୍ତି। ବିଭିନ୍ନ ରେଡ୍ ଜୋନ୍‌ରେ ରହିଥିବା ରାଜ୍ୟରୁ ଫେରୁଛନ୍ତି। ଏମାନଙ୍କର ଟେଷ୍ଟିଂ ଆବଶ୍ୟକତା ରହିଛି। ଦୈନିକ ଟେଷ୍ଟିଂ ସଂଖ୍ୟା ବୃଦ୍ଧି କରାଯିବା ଆବଶ୍ୟକ। କରୋନା ଭୟରେ ଅଧିକ ଲକ୍ଷଣ ଥାଇ ମଧ୍ୟ ବାହାରୁ ଔଷଧ ଖାଇ ତଥ୍ୟ ଲୁଚାଉଛନ୍ତି। ସ୍ୱାସ୍ଥ୍ୟ ସର୍ବେକ୍ଷଣ, ଘରକୁ ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷାକୁ ତ୍ୱରାନ୍ୱିତ କରାଯାଉ।

**–ସଞ୍ଜୟ ପଟ୍ଟନାୟକ, ସାମାଜିକ କର୍ମୀ**